ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## ପାଠ୍ୟକ୍ରମ -୪

ବ୍ଲକ୍

# ୨ ଲିଖନ କୌଶଳ

ପ୍ରଥମ ଏକକ

**ଲିଖନ କୌଶଳ**

ଦ୍ୱିତୀୟ ଏକକ

**ନିମନ୍ତ୍ରଣ ପତ୍ର, ଅଦାଲତ ସଂପର୍କିତ କାଗଜ ପତ୍ର**

## ବିଶେଷଜ୍ଞ କମିଟି

| | | |
|---|---|---|
| ପ୍ରଫେସର ଡଃ ଖଗେଶ୍ୱର ମହାପାତ୍ର | ପ୍ରଫେସର (ଅବସରପ୍ରାପ୍ତ),<br>ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,<br>ଶାନ୍ତିନିକେତନ | ଅଧ୍ୟକ୍ଷ |
| ଡଃ ବସନ୍ତ କୁମାର ପଣ୍ଡା | ପ୍ରଧାପକ, ଓଡିଆ ବିଭାଗ<br>ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ,<br>ଭୁବନେଶ୍ୱର | ସଦସ୍ୟ |
| ପ୍ରଫେସର ଡଃ ନାରାୟଣ ସାହୁ | ପ୍ରଫେସର (ଅବସରପ୍ରାପ୍ତ)<br>ଉତ୍କଳ ବିଶ୍ୱବିଦ୍ୟାଳୟ,<br>ଭୁବନେଶ୍ୱର | ସଦସ୍ୟ |
| ଡଃ କ୍ଷୀରୋଦ ଚନ୍ଦ୍ର ବେହେରା | ପ୍ରଧାପକ, ଓଡିଆ ବିଭାଗ<br>ବି.ଜେ.ବି.ସ୍ୱୟଂଶାସିତ<br>ମହାବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ଡଃ ଦିଲୀପ କୁମାର ନାୟକ | ଅଧ୍ୟାପକ, ଓଡିଆ ବିଭାଗ<br>ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ<br>ସମ୍ବଲପୁର | ଆବାହକ |

## ପ୍ରସ୍ତୁତି

| | | |
|---|---|---|
| ଡଃ ନଗେନ କୁମାର ଦାସ | ଅଧ୍ୟାପକ, ଓଡିଆ ବିଭାଗ<br>ସୁବୋଧ ରାଉତରାୟ ମହାବିଦ୍ୟାଳୟ<br>ବିଶ୍ରା, ରାଉରକେଲା | ଲେଖକ |
| ଡକ୍ଟର ଦିଲୀପ କୁମାର ନାୟକ | ଅଧ୍ୟାପକ, ଓଡିଆ ବିଭାଗ<br>ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ<br>ସମ୍ବଲପୁର | ସମୀକ୍ଷା ଓ ସଂପାଦନା |

# ପ୍ରାକ୍ଭାଷ

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ସ୍ୱାଗତ।

ଭାଷା ମଣିଷର ଏକ ସ୍ୱତନ୍ତ୍ର ବିଭବ ଯାହା ତାକୁ ଅନ୍ୟ ମଣିଷ ସହ ଯୋଗାଯୋଗ ରକ୍ଷା କରିବାରେ ସହାୟତା ପ୍ରଦାନ କରିଥାଏ। ଏହି ପ୍ରକ୍ରିୟା ମାଧ୍ୟମରେ ସେ ସାମାଜିକ ରୂପାନ୍ତରଣ ଆଡକୁ କ୍ରମଶଃ ଗତିକରେ। ଶିଶୁଟି ଏଇ ଭାଷା ମାଧ୍ୟମରେ ସମଗ୍ର ବିଶ୍ୱକୁ ଜାଣେ। ମଣିଷ ବିଭିନ୍ନ ସାଂକେତିକ ତଥା ଲିଖିତ ଭାଷା ମାଧ୍ୟମରେ ଆପଣା ଭାବ ପ୍ରକାଶ କରିଥାଏ। ତେଣୁ ଭାଷାକୁ ଆମେ ଏକ ପ୍ରକାରର ଭାବ-ବାହୀ ସଂକେତ ଭାବରେ ମଧ୍ୟ ଗ୍ରହଣ କରିପାରିବା, ଯାହା ସମଗ୍ର ପୃଥିବୀରେ ଭିନ୍ନଭିନ୍ନ ଉଚ୍ଚାରଣ ମାଧ୍ୟମରେ ସେଇ ସମାନ କଥାକୁ ଇଂଗିତ କରିପାରେ। ଅତଏବ ଏକା ପ୍ରକାରର ବକ୍ତବ୍ୟକୁ ଭିନ୍ନଭିନ୍ନ ଉଚ୍ଚାରଣ ଭଂଗୀ ବା ଶୈଳୀ ମାଧ୍ୟମରେ ପ୍ରକାଶ କରାଯାଉଥିବାରୁ ଭାଷାକୁ ଆମେ ଯୋଗାଯୋଗର ସର୍ବାପେକ୍ଷା ଶକ୍ତିଶାଳୀ ମାଧ୍ୟମ ଭାବରେ ମଧ୍ୟ ବିବେଚନା କରିପାରିବା। ଭାଷା ସଦା ପରିବର୍ତ୍ତନଶୀଳ ଏକ ଶକ୍ତିଶାଳୀ ମାଧ୍ୟମ। ଏହା ସର୍ବଦା ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ବଦଳୁଥାଏ। ସେଥିପାଇଁ ଭାରତର ପ୍ରାଦେଶିକ ସୀମାରେଖାରେ ଜୀବନ କାଟୁଥିବା ଅଧିବାସୀ ମାନେ ନିଜ ପ୍ରଦେଶର ଓ ପଡୋଶୀ ପ୍ରଦେଶର ଭାଷା ଉପରେ ବେଶ୍ ଦକ୍ଷତା ଅର୍ଜନ କରିଥାନ୍ତି। ଭାରତରେ ପ୍ରଚଳିତ ମୋଟ ୭୮୦ଟି କଥିତ ଭାଷାରୁ ବିଗତ ୫୦ ବର୍ଷ ମଧ୍ୟରେ ଅନ୍ତତଃ ୨୨୦ରୁ ଊର୍ଦ୍ଧ୍ୱ ଭାଷା ମୃତ୍ୟୁ ଲଭିଲେଣି। ଏଥି ମଧ୍ୟରୁ ଅନେକଙ୍କର ଲିଖିତରୂପ ନାହିଁ। ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ଭାଷା କ୍ରମଶଃ ଲୋପ ପାଉଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ। କିନ୍ତୁ ଏଭଳି କିଛି ପ୍ରାଚୀନ ଭାଷା ରହିଛି, ଯେଉଁଥିରେ ଅତି ମୂଲ୍ୟବାନ ତଥ୍ୟ, ତତ୍ତ୍ୱ, ଦର୍ଶନ ଲୁକ୍କାୟିତ ହୋଇରହିଛି। ଅତଏବ ସେ ସବୁଭାଷାର ଅଧିକରୁ ଅଧିକ ପ୍ରୟୋଗ ହୋଇପାରିଲେ ତା'ର ଅନ୍ତଃସତ୍ତାକୁ ବୁଝିବା ଓ ପ୍ରକାଶ କରିବା ସମ୍ଭବ ହେବ। ଏହାକୁ ବୁଝିବାକୁ , ଜାଣିବାକୁ ହେଲେ ବ୍ୟାକରଣ ଜ୍ଞାନ ନିତାନ୍ତ ପ୍ରୟୋଜନ। ବ୍ୟାକରଣ ମାଧ୍ୟମରେ ତର୍କ ଏବଂ ତର୍କ ମାଧ୍ୟମରେ ଭାଷାବିଜ୍ଞାନକୁ ବୁଝିବା ସହଜସାଧ୍ୟ ହୋଇଥାଏ। ଆମମାନଙ୍କ ଜୀବନ ଉପରେ ଭାଷାର ପ୍ରଭାବ ଅତୁଳନୀୟ । ଭାଷା ଏକ ଜୀବନ୍ତ ପ୍ରକ୍ରିୟା। ଏହାକୁ ଅର୍ଜନ କଲେ ଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହୋଇଥାଏ। ଅତଏବ ଭାଷା, ଭାଷା ବିଭବ ବ୍ୟାକରଣ ଓ ତା'ର ପ୍ରାୟୋଗିକ ଦିଗ ଗୁଡିକୁ ଉତ୍ତମ ରୂପେ ବୁଝିବା ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ବହିରାଗତ ଆକ୍ରମଣକାରୀଙ୍କ ପ୍ରଭାବ ଯୋଗୁଁ ଭାରତର ବିଭିନ୍ନ ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ବିପୁଳ ଆଲୋଡନ ସୃଷ୍ଟି ହୋଇଥିଲା। ସେଇ ସମୟରେ ଅତୀତର ରାଜା ଓ ରାଜା କୈନ୍ଦ୍ରିକ ଭାଷା ଆମର ଭାଷା ଭଣ୍ଡାରକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା। ତେଣୁ ପଂଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଅଣଇଂରେଜୀ ବୈଦେଶିକ ପ୍ରଭାବ ଏବଂ ତା ପରଠାରୁ ଇଂରେଜୀ ଭାଷା ସଂସ୍କୃତିର ପ୍ରଭାବ ଆମ ଭାଷା ବିଭବକୁ ପ୍ରକାରାନ୍ତରେ ସମୃଦ୍ଧ କରିଛି ବୋଲି କୁହାଯାଇପାରିବ।

ରେଡିଓ, ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ବିସ୍ତାର ସହ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରସାର ଯୋଗୁଁ ଆମ ଭାଷାରେ ଅନେକ ପ୍ରକାରର ନୂତନ ଶବ୍ଦ ଓ ବାକ୍ୟପ୍ରକରଣ ଶୈଳୀର ଅନୁପ୍ରବେଶ ଘଟିଛି । ଏସବୁର ସଫଳ ଓ ତ୍ରୁଟିଶୂନ୍ୟ ପ୍ରୟୋଗକୁ ଦେଖାଇବା ସହ ଓଡିଆ ଭାଷା ଓ ବ୍ୟାକରଣର ସୁବିସ୍ତୃତ ପରିଚୟ ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ । ସମୁଦାୟ ୩୨ଟି କ୍ରେଡିଟ୍‌ରେ ବିଭାଜିତ ଉକ୍ତ କାର୍ଯ୍ୟକ୍ରମରେ ମୋଟ ଦୁଇଟି ସେମିଷ୍ଟର ରହିଛି । ପ୍ରତ୍ୟେକ ସେମିଷ୍ଟର ନିମନ୍ତେ ତିନୋଟି ଲେଖାଏଁ ପାଠ୍ୟକ୍ରମ ଅନୁବର୍ତ୍ତନ କରାଯାଇଛି । ସର୍ବଶେଷରେ ପୂର୍ବପଠିତ ସମସ୍ତ ବିଦ୍ୟାକୁ କଂପ୍ୟୁଟର କୌଶଳ ମାଧ୍ୟମରେ ଲିଖିତରୂପ ପ୍ରଦାନ କରାଯାଇ ଶିକ୍ଷାକୁ ଅଧିକ ଯୁଗୋପଯୋଗୀ କରାଯାଇ ପାରିବ ସେଥି ନିମନ୍ତେ ପ୍ରଯତ୍ନ କରାଯାଇଛି । ପ୍ରତ୍ୟେକ ସେମିଷ୍ଟର ଶେଷରେ ପ୍ରାୟୋଗିକ ଦିଗକୁ ସମୃଦ୍ଧ କରିବାପାଇଁ ପ୍ରୋଜେକ୍ଟ ରଖାଯାଇଛି । ସହଜ ପଠନ ନିମନ୍ତେ ପ୍ରତ୍ୟେକ ପାଠ୍ୟକ୍ରମକୁ ବିଭିନ୍ନ ବ୍ଲକ୍ ଓ ପ୍ରତ୍ୟେକ ବ୍ଲକ୍‌କୁ ୟୁନିଟ୍ ବା ଏକକରେ ବିଭକ୍ତ କରାଯାଇଛି । ପାଠ୍ୟକ୍ରମ ପରିବେଷଣର ନିର୍ଦ୍ଦିଷ୍ଟ ଅନ୍ତରାଳରେ ନିଜର ପ୍ରଗତି ମାପିବା ନିମନ୍ତେ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ ପ୍ରଦାନ କରାଯାଇଛି । ପଠନ କାଳରେ ଏସବୁର ଉତ୍ତର ଲେଖିବାପାଇଁ ପ୍ରଦତ୍ତ ଶୂନ୍ୟସ୍ଥାନରେ ବିଦ୍ୟାର୍ଥୀମାନେ ଛୋଟ ଛୋଟ ଉତ୍ତର ଲେଖନ୍ତୁ ଏବଂ ପରବର୍ତ୍ତୀ ପାଠ୍ୟକ୍ରମ ଆଡକୁ ଆଗେଇ ଚାଲନ୍ତୁ । ତଦ୍ଦ୍ୱାରା ପାଠ୍ୟକ୍ରମ ସମାପ୍ତି ବେଳକୁ ବିଦ୍ୟାର୍ଥୀମାନେ ସେହି କ୍ଷେତ୍ରରେ ଦକ୍ଷତା ଓ ଆତ୍ମ ବିଶ୍ୱାସ ଅର୍ଜନ କରିପାରିବେ । ବିଶ୍ୱାସ, ବିଦ୍ୟାର୍ଥୀମାନେ ଏହି ମୁଦ୍ରିତ ପାଠ୍ୟ ବ୍ୟତୀତ, ଇଂଟରନେଟ୍, ରେଡିଓ, ମଲ୍ଟିମିଡିଆ କ୍ଲାସ୍, ୱେବ୍ ସାଇଟ୍, ଇ-ମେଲ, ଇତ୍ୟାଦିର ସଫଳ ପ୍ରୟୋଗ କରି ଅଧିକରୁ ଅଧିକ ବୋଧଗମ୍ୟତା ଅର୍ଜନ କରିବେ ।

ମୁକ୍ତ ଓ ଦୂରଶିକ୍ଷା ପ୍ରବର୍ତ୍ତନ କ୍ଷେତ୍ରରେ ଏହା ଏକ ପ୍ରାରମ୍ଭିକ ପ୍ରଚେଷ୍ଟା । ଅତଏବ ବିଦ୍ୟାର୍ଥୀମାନେ ପଠନକାଳରେ ନିଜର ସୁଚିନ୍ତିତ ମତାମତ ପ୍ରଦାନକଲେ ପରବର୍ତ୍ତୀ କାଳରେ ତାହା କିପରି ଅଧିକ ଉପଯୋଗୀ ହୋଇପାରିବ, ସେଥି ନିମନ୍ତେ ପ୍ରଯତ୍ନ କରାଯିବ ।

ସଂପାଦକ



# ପ୍ରଥମ ଏକକ : ଲିଖନ କୌଶଳ

ବିଷୟର ଗଠନ:


୧.୦ ପତ୍ର ଲିଖନର ଉଦ୍ଦେଶ୍ୟ

୧.୧ ପତ୍ର ଲିଖନ କୌଶଳ

୧.୨ ପତ୍ର ଲିଖନ ପଦ୍ଧତି

୧.୩ ସରକାରୀ / ଅର୍ଦ୍ଧସରକାରୀ ପତ୍ରଲିଖନ କୌଶଳ

୧.୩.୧ ସରକାରୀ / ଅର୍ଦ୍ଧସରକାରୀ ପତ୍ରର ନମୁନା

୧.୩.୨ ବ୍ୟକ୍ତିଗତ ପତ୍ର ଲିଖନ କୌଶଳ

୧.୩.୩ ବ୍ୟକ୍ତିଗତ ପତ୍ରର ନମୁନା

୧.୩.୪ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ


## ୧.୦ ପତ୍ର ଲିଖନର ଉଦ୍ଦେଶ୍ୟ

ମାନବ ସଭ୍ୟତାର ପ୍ରାରମ୍ଭରୁ ନିଜ ଭାବ ଅଭିବ୍ୟକ୍ତ କରିବା ପାଇଁ ପ୍ରଥମେ ଠାର ଏବଂ ଚିତ୍ର ଲିପିର ସାହାଯ୍ୟ ନେଇଥିଲା । ପରବର୍ତ୍ତୀ ସମୟରେ ଲିପିର ବିକାଶ ଘଟିଲା । ଭାଷା ଓ ଭାବକୁ ବାନ୍ଧିରଖେ ଲିପି । ସଭ୍ୟତାର କ୍ରମ ବିବର୍ତ୍ତନଶୀଳ ପ୍ରକ୍ରିୟାରେ ବହୁଭାଷା ଓ ବହୁ ଲିପିର ସୃଷ୍ଟି ହୋଇଛି । ବିଶ୍ୱରେ ଏପରି ଅନେକ ଭାଷା ଅଛି ଯାହାର ଲିପି ନାହିଁ । ତେବେ ଅଞ୍ଚଳ ଭିତ୍ତିରେ ମାନ୍ୟତା ପାଇଥିବା ଭାଷା ଓ ଲିପିକୁ ଲିପି ବିହୀନ ଭାଷା ଭାଷୀ ଲୋକେ ନିଜ ଭାବ – ଅଭିବ୍ୟକ୍ତିକୁ ପ୍ରକାଶ ପାଇଁ ସେଇଭାଷା – ଲିପିକୁ ମାଧ୍ୟମ ଭାବେ ଗ୍ରହଣ କରିଥାନ୍ତି । ସରକାରୀ, ବେସରକାରୀ ତଥା ବ୍ୟକ୍ତିଗତ ସ୍ତରରେ ପତ୍ର ରଚନା କରି ନିଜ ଭାବାବେଗକୁ ପ୍ରକାଶ କରିବା ସହିତ ସାମାଜିକ ତଥା ବ୍ୟକ୍ତିଗତ ସମସ୍ୟା ସମାଧାନରେ ଅଂଶ ବିଶେଷ ହୋଇଥାଏ ।

## ୧.୧ ପତ୍ର ଲିଖନ କୌଶଳ

ଭାବ - ଅଭିବ୍ୟକ୍ତି ନିମନ୍ତେ ଲିଖନ କଳା ବା ଲେଖିବା ମଣିଷର ଅନ୍ୟ ଏକ ଦୈନିକ ପ୍ରବୃତ୍ତି। ଏଥିରେ ଉଭୟ ମସ୍ତିଷ୍କ ଓ ହସ୍ତର ବ୍ୟବହାର ସମାନ୍ତରାଳ ଭାବେ କାର୍ଯ୍ୟ କରିଥାଏ। ମସ୍ତିଷ୍କ ଓ ହସ୍ତର ଉପଯୁକ୍ତ ସମନ୍ୱୟରୁ ଉତ୍ପାଦିତ ଲେଖାଟି କେବଳ ପଠିତ ବ୍ୟକ୍ତିକୁ ଆକର୍ଷିତ କରିନଥାଏ ତାର ହୃଦୟରେ, ମନରେ ପୁଲକ ଓ ଚିନ୍ତାର ଖୋରକ ଯୋଗାଇଥାଏ। କେବଳ ଶବ୍ଦ ବସାଣ ନୁହେଁ, ଉପଯୁକ୍ତ ଅର୍ଥ ବହନ କରି ଶବ୍ଦ ନିଜର ଯାଦୁକାରୀ ଶକ୍ତି ପ୍ରଦର୍ଶନ ପୂର୍ବକ ବିଷୟବସ୍ତୁଟିକୁ ପ୍ରାଞ୍ଜଳ ତଥା ବୋଧଗମ୍ୟ କରାଇବା ହିଁ ଲିଖନ କୌଶଳ। ପ୍ରେରକ ଓ ପ୍ରାପକ ମଧ୍ୟରେ ଭାବର ଆଦାନ ପ୍ରଦାନ ପାଇଁ ପତ୍ର ଉପଯୁକ୍ତ ମଧ୍ୟସ୍ଥର ଭୂମିକା ନିର୍ବାହ କରିଥାଏ। ପତ୍ରଟି କଳାତ୍ମକ ରୁଚିପୂର୍ଣ୍ଣ ହେଲେ ପାଠକ ଧୈର୍ଯ୍ୟ ସହକାରେ ତାକୁ ଉପଭୋଗ କରିବା ସହିତ ବିଷୟବସ୍ତୁ ପ୍ରତି ପୂର୍ଣ୍ଣସଚେତନ ହୋଇପାରିବ।

## ୧.୨ ପତ୍ର ଲିଖନ ପଦ୍ଧତି

ପୂର୍ବରୁ ତାଳପତ୍ରରେ କିମ୍ବା କପଡା ଉପରେ ଉଭୟ ଲେଖନୀ ଓ ରଙ୍ଗ ତୂଳୀ ସାହାଯ୍ୟରେ ପତ୍ର ରଚନା କରାଯାଇ ସମ୍ବାଦ ବା ସଂଦେଶ ପ୍ରେରଣ କରାଯାଉଥିଲା। ସମୟର ଆହ୍ୱାନରେ ଏହି ମାଧ୍ୟମଟି ବଦଳିଯାଇ ମଣିଷ ନିଜ ମନର ଭାବନା, ଚିନ୍ତା, ଆବେଗ ଓ ଉଲ୍ଲାସକୁ ଅଧିକ ବିଜ୍ଞାନ ସମ୍ମତ ଭାବେ ପ୍ରକାଶ କରୁଛି। ପତ୍ର ଉଭୟ କଳା ଓ ବିଜ୍ଞାନ ସହ ସଂପୃକ୍ତ। ଲିଖନ ଭଙ୍ଗୀ ବା ଶୈଳୀ ସରଳ ହେଲେ ବକ୍ତବ୍ୟ ଓ ଚିନ୍ତାଧାରା ସ୍ୱଷ୍ଟ ହୋଇପାରିବ। ଦ୍ୱିରୁକ୍ତି ବା ପୁନରାବୃତ୍ତି ଘଟିଲେ ପତ୍ରର କଳା ସୌଷ୍ଠବ ମଳିନ ପଡିଯାଏ। ବୋଧଗମ୍ୟତା ପାଇଁ ପତ୍ର ସଂକ୍ଷିପ୍ତ ଓ ତଥ୍ୟ ସମ୍ୱଳିତ ହେବା ଅତ୍ୟନ୍ତ ଜରୁରୀ। ଏତଦ୍ ବ୍ୟତୀତ ପତ୍ରର ଭାଷା ସର୍ବଦା ଶିଷ୍ଟ ଓ ଭଦ୍ର ହେବା ଉଚିତ୍। ପତ୍ରରେ ଭାଷା ଶାଳୀନତା ଓ ଶିଷ୍ଟତା ରକ୍ଷା କରାଗଲେ ପ୍ରାପକର ମନରେ ପ୍ରଶାନ୍ତି ଭାବ ଉଦ୍ରେକ ହେବା ସହିତ ଭାବ ଆଦାନ ପ୍ରଦାନରେ ଉତ୍ତମ କ୍ଷେତ୍ରଟିଏ ପ୍ରସ୍ତୁତ ହୋଇପାରିବ।

## ୧.୩ ସରକାରୀ / ଅର୍ଦ୍ଧସରକାରୀ ପତ୍ରଲିଖନ କୌଶଳ

ସରକାରୀ /ଅର୍ଦ୍ଧସରକାରୀ ପତ୍ର ସାଧାରଣତଃ ସରକାରୀ ଓ ବେସରକାରୀ ସ୍ତରରେ ପ୍ରଚଳିତ ହୋଇଥାଏ। ଯୋଗାଯୋଗର ଏହି ଲିଖିତ ମାଧ୍ୟମକୁ ଅଭିଯୋଗ, ଆବେଦନ ପତ୍ର ମଧ୍ୟ କୁହାଯାଏ।

ସାଧାରଣତଃ ଏକ ଅନୁଷ୍ଠାନ ବା କାର୍ଯ୍ୟାଳୟର କୌଣସି ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟ ସଂପାଦନ ଉପଲକ୍ଷେ ଅନୁରୋଧ ଏଥିରେ ଥାଏ। ଅନୁଷ୍ଠାନଟି ସରକାରୀ, ବେସରକାରୀ, ଶିକ୍ଷା, ଅର୍ଥନୀତି, ଗବେଷଣ, ବାଣିଜ୍ୟ, କ୍ରୀଡା, ଚିକିତ୍ସା, ସ୍ୱାସ୍ଥ୍ୟ, ପରିବହନ, ମନୋରଂଜନ, ସ୍ଥାପତ୍ୟ, କଳା, ସାହିତ୍ୟ ସ୍ୱାୟତ୍ତ ଶାସନ କିମ୍ବା ଆଧୁନିକ ସାମାଜିକ ଜୀବନ ସହିତ ସମ୍ବନ୍ଧିତ ଯେକୌଣସି ବିଷୟକ ହୋଇପାରେ। ଏହି ଧରଣର ପତ୍ର ରଚନା କାଳରେ ବକ୍ତବ୍ୟର ଯଥାର୍ଥତା ପ୍ରତିପାଦନ ପାଇଁ ଦୃଷ୍ଟି ଦେବାକୁ ପଡିଥାଏ। ବ୍ୟକ୍ତି, ବ୍ୟକ୍ତିସମୂହ, ଗ୍ରାମବାସୀ, ସଂଗଠନ, ଅନୁଷ୍ଠାନ, ପ୍ରତିଷ୍ଠାନ ବା ଲୋକ ପ୍ରତି ନିଜର ବା ଲୋକ ସମୂହଙ୍କ ଆବଶ୍ୟକତା ପ୍ରତିପୂର୍ତ୍ତି ପାଇଁ ବା ସମସ୍ୟାର ସମାଧାନ ପାଇଁ ଆବେଦନ, ନିବେଦନ ଅଭିଯୋଗ ବା ପ୍ରତିବାଦ ସୂତ୍ରରେ ଏହି ପତ୍ର ଲେଖାଯାଇଥାଏ। ଯେଉଁଥିରେ ଅନାବଶ୍ୟକୀୟ ପ୍ରସଙ୍ଗକୁ ଯଥା ସମ୍ଭବ ପ୍ରତିହାର କରାଯାଇଥାଏ। ସରକାରୀ ପତ୍ର, ସରକାରୀ କାର୍ଯ୍ୟାଳୟ, ଅର୍ଦ୍ଧସରକାରୀ କାର୍ଯ୍ୟାଳୟ ତଥା ବିଭିନ୍ନ ଅନୁଷ୍ଠାନକୁ ପଠାଯାଉଥିବା ଓ ଗ୍ରହଣ କରାଯାଉଥିବା ପତ୍ରଗୁଡିକ ନିମ୍ନ କ୍ରମରେ ଲିଖିତ ହୋଇଥାଏ।

(କ) ପ୍ରେରକର ନାମ ଓ ସଂପୂର୍ଣ୍ଣ ଠିକଣା

(ଖ) ପତ୍ରର କ୍ରମିକ ସଂଖ୍ୟା ଓ ତାରିଖ

(ଗ) ପ୍ରାପକର ନାମ ଓ ଠିକଣା

(ଘ) ବିଷୟ ବସ୍ତୁର ନିର୍ଦ୍ଦେଶ

(ଙ) ପୂର୍ବପତ୍ରର ସଂଖ୍ୟା ଓ ତାରିଖ

(ଚ) ସମ୍ବୋଧନ

(ଛ) ପ୍ରେରକର ସ୍ୱାକ୍ଷର

(ଜ) ସ୍ଥାନ ଓ ତାରିଖ ନିର୍ଦ୍ଦେଶ

## ୧.୩.୧ ସରକାରୀ / ଅର୍ଦ୍ଧସରକାରୀ ପତ୍ରର ନମୁନା

**(କ) ତୁମ ଅଞ୍ଚଳରେ ହଇଜାର ପ୍ରତିକାର ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦରଖାସ୍ତ ଲେଖ।**

ମାନନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଯାଜପୁର

ବିଷୟ : (ବାଲିଆ ପଞ୍ଚାୟତରେ ହଇଜା ପ୍ରତିକାର ସମ୍ବନ୍ଧରେ)

ମହାଶୟ,

ସମ୍ମାନର ସହ ନମ୍ର ଭାବରେ ଆମ୍ଭେ ବାଲିଆ ଗ୍ରାମର ନିମ୍ନ ସ୍ୱାକ୍ଷରକାରୀ ଆପଣଙ୍କ ଅବଗତି ନିମନ୍ତେ ଜଣାଉ ଅଛୁ ଯେ, ଆମ ଗ୍ରାମଟି ଯାଜପୁର ଜିଲ୍ଲାର ବରୀ ବ୍ଲକରେ ଅବସ୍ଥିତ। ଆମ ଗ୍ରାମର ଲୋକସଂଖ୍ୟା ପାଞ୍ଚ ହଜାର ଓ ଏହା ବାଲିଆ ପଞ୍ଚାୟତର ଅନ୍ତର୍ଭୁକ୍ତ। ଆମ ଗ୍ରାମରେ ପ୍ରାୟ ପନ୍ଦର ଦିନ ହେବ ହଇଜା ରୋଗରେ ପାଞ୍ଚଜଣ ଲୋକ ମଲେଣି। ଏବେ ପ୍ରାୟ ପଚାଶଟି ପରିବାର ଏହି ରୋଗ କବଳରେ ପଡ଼ିଛନ୍ତି।

ଖରାଦିନେ ଗ୍ରାମରେ ଥିବା କୂପ ଶୁଖି ଯିବାରୁ ଲୋକମାନେ ବାଧ ହୋଇ ପୋଖରୀର ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଗ୍ରାମରେ ଥିବା ନଳକୂପ ଗୁଡ଼ିକ ପ୍ରାୟ ଅଚଳ ହୋଇପଡ଼ିଛି। ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଜଳଧାରା ଶୁଖି ଯାଇଛି ଓ ଯେଉଁ ଅଳ୍ପ ଜଳ ଅଛି ସେଠାରେ ଲୋକମାନେ ନିତ୍ୟକର୍ମ କରିବା ସହିତ ଗୋ - ମହିଷାଦିଙ୍କୁ ସ୍ନାନ କରାଇ ସେହି ଦୂଷିତ ଜଳକୁ ପାନୀୟ ଭାବରେ ବ୍ୟବହାର କରୁଛନ୍ତି ; ଫଳରେ ଏହି ରୋଗ ସଂକ୍ରମିତ ହୋଇଚାଲିଛି। ସ୍ଥାନୀୟ ଡାକ୍ତରଖାନାରେ ଜଣେ ମାତ୍ର ଡାକ୍ତର, ଜଣେ ନର୍ସ ଓ ଦୁଇଜଣ କମ୍ପାଉଣ୍ଡର ଅଛନ୍ତି। ହଇଜା ପ୍ରତିଷେଧକ ଔଷଧ, ଇଞ୍ଜେକ୍ସନ ଓ ବିଶୋଧନକାରୀ ଦ୍ରବ୍ୟର ଅଭାବରୁ ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ।

ଏପରି ପରିସ୍ଥିତିରେ, ଆମ୍ଭେମାନେ ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ କରୁକି, ଆପଣ ଖୁବ୍ ଶୀଘ୍ର ଦୁଇ ଜଣ ବିଶେଷଜ୍ଞ ଡାକ୍ତରଙ୍କ ସହ ଆବଶ୍ୟକ ଜୀବନରକ୍ଷାକାରୀ ଔଷଧପତ୍ର ଏଠାକୁ ପଠାଇବାର ବ୍ୟବସ୍ଥା କରିବେ। ଲୋକମାନଙ୍କୁ ବର୍ତ୍ତମାନର ସ୍ଥିତିରେ ପାଣି ବହନକାରୀ ଯାନ (ଟ୍ୟାଙ୍କର) ସାହାଯ୍ୟରେ ପିଇବା ପାଣି ଯୋଗାଇବାକୁ ପଦକ୍ଷେପ ନେବେ। ଗ୍ରାମର ଯୁବକସଂଘ ଏବେ ରୋଗୀମାନଙ୍କ ସେବା କରୁଛନ୍ତି। ଆପଣ ଡାକ୍ତରୀଦଳ ଓ ଔଷଧ ପଠାଇଲେ, ସେମାନେ ସ୍ଥାନୀୟ ଡାକ୍ତରଙ୍କ ସହିତ ସହଯୋଗ କରି ଏ ଭୟାନକ ରୋଗକୁ ନିୟନ୍ତ୍ରଣ କରିବାରେ କ୍ଷମ ହେବେ। ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ କରି ଉଚିତ୍ ପଦକ୍ଷେପ ନେବାକୁ ଆମେ ଆପଣଙ୍କୁ ନିବେଦନ କରି ରହିଲୁ।

ଇତି

ଆପଣଙ୍କର ବିଶ୍ୱସ୍ତ

ବାଲିଆ ଗ୍ରାମବାସୀ ବୃନ୍ଦ

ବାଲିଆ

ରାମଚନ୍ଦ୍ର ପଟ୍ଟନାୟକ

୧୨/୪/୨୦୧୭

ଗୋପାଳ ଚନ୍ଦ୍ର ସାମଲ

ଅସିତ୍ ମିଶ୍ର

**(ଖ) ତୁମ ଗ୍ରାମରେ ପାଠାଗାର ପ୍ରତିଷ୍ଠା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆବେଦନ ପତ୍ର।**

ମାନନୀୟ, ଶ୍ରୀଯୁକ୍ତ ନିର୍ଦ୍ଦେଶକ, ସଂସ୍କୃତି ବିଭାଗ

ଓଡିଶା ସରକାର, ଭୁବନେଶ୍ୱର

ବିଷୟ : (ସେରପୁର ଗ୍ରାମରେ ଏକ ପାଠାଗାର ପ୍ରତିଷ୍ଠା ପାଇଁ ଅନୁରୋଧ)

ମହାଶୟ,

ନିବଦନର ଅଭିପ୍ରାୟ ଏହିକି ଯେ ସେରପୁର ଗ୍ରାମଟି ବରୀ ବ୍ଲକ୍ ଅନ୍ତର୍ଗତ ଏକ ବଡ଼ଗ୍ରାମ। ଏହି ଗ୍ରାମଟି ସେରପୁର ପଞ୍ଚାୟତର ଅନ୍ତର୍ଭୁକ୍ତ। ଗ୍ରାମରେ ଲୋକ ସଂଖ୍ୟା ପାଖାପାଖି ପାଞ୍ଚହଜାର। ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ରହିଅଛି। ଗ୍ରାମର ଅଧିବାସୀମାନେ କୃଷି ଉପରେ ନିର୍ଭର କରି ଚଳନ୍ତି। ଗ୍ରାମରେ ଉତ୍ସାହୀ ଯୁବକମାନଙ୍କ ଦ୍ୱାରା ପ୍ରଗତି ଯୁବକସଂଘ ନାମରେ ଏକ ଅନୁଷ୍ଠାନ ଗଢି ଉଠିଛି।

ଏଠାରେ ସର୍ବସାଧାରଣ ଉପଯୋଗୀ ଏକ ପାଠାଗାରର ଅଭାବ ଆମେ ଅନୁଭବ କରୁଛୁ। ପାଠାଗାର ପ୍ରତିଷ୍ଠା ହେଲେ ଏହା ଲୋକଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ସହିତ ଅବସର ବିନୋଦନ ଓ ସାଧାରଣ ଲୋକଙ୍କ ମନୋରଞ୍ଜନ ପାଇଁ ସହାୟକ ହୋଇପାରିବ। ଆଜିକାଲି ଗ୍ରାମପଞ୍ଚାୟତ ପାଇଁ ସରକାର ଯୋଜନାମାନ ପ୍ରଣୟନ କରୁଛନ୍ତି। ସରକାର କୃଷି, ଶିଳ୍ପ ଓ ଶିକ୍ଷାକ୍ଷେତ୍ରରେ ନୂଆ ନୀତି, ପରାମର୍ଶ ଓ ସାହାଯ୍ୟ ଘୋଷଣା କରୁଛନ୍ତି। ପତ୍ର ପତ୍ରିକା ଓ ଖବରକାଗଜ ଅଭାବରୁ ସାଧରଣ ଲୋକେ ତାହା ଜାଣିପାରୁ ନାହାନ୍ତି। ଗ୍ରାମରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିବା ଛାତ୍ର- ଛାତ୍ରୀମାନେ ପାଠ୍ୟ ପୁସ୍ତକ ବ୍ୟତୀତ ଅନ୍ୟ ବହି ସବୁ ପଢିବାକୁ ସୁଯୋଗ ପାଉ ନାହାନ୍ତି। ପାଠାଗାର ପ୍ରତିଷ୍ଠା ହେଲେ ପତ୍ର- ପତ୍ରିକା ଓ ବିଭିନ୍ନ ସମ୍ବାଦପତ୍ର ମାଧ୍ୟମରେ ସାଂପ୍ରତିକ ଘଟଣା ସମ୍ପର୍କରେ ସେମାନେ ଜାଣି ପାରନ୍ତେ।

ପାଠାଗାର ଗୋଟିଏ ରାଷ୍ଟ୍ରର ଦର୍ପଣ। ଏହା ନାଗରିକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ସଂପର୍କରେ ସଚେତନ କରାଏ। ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏହା ସେତୁ ପରି କାର୍ଯ୍ୟ କରିଥାଏ।

ଏହି ପରିପ୍ରେକ୍ଷୀରେ ଆମ୍ଭେମାନେ ଆପଣଙ୍କୁ ବିନୀତ ଅନୁରୋଧ କରୁଛି, ଆପଣ ଏଥିପାଇଁ ଆର୍ଥିକ ଅନୁଦାନ ପ୍ରଦାନ କଲେ ଆମ୍ଭେମାନେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ପାଠାଗାର ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଗୃହ ନିର୍ମାଣ କରିବାରେ ସଫଳ ହୋଇପାରନ୍ତୁ। ଆପଣଙ୍କ ସୁବିଚାର ଅପେକ୍ଷାରେ ରହିଲୁ।

ଇତି
ଆପଣଙ୍କର ବିଶ୍ୱସ୍ତ
ସେରପୁର ଗ୍ରାମବାସୀବୃନ୍ଦ

ସେରପୁର
୧୨/୪/୧୭

ସ୍ୱାକ୍ଷର
ରାମଚନ୍ଦ୍ର ଜେନା
ନୃସିଂହ ସ୍ୱାଇଁ
ରସାନନ୍ଦ ବାରିକ

**ଠିକଣା**

| ପ୍ରେରକ | ପ୍ରାପକ | ଟିକଟ |
|---|---|---|
| ରାମଚନ୍ଦ୍ର ଜେନା<br>ଗ୍ରାମ - ସେରପୁର<br>ପୋ -ଯାଜପୁର | ନିର୍ଦ୍ଦେଶକ, ସଂସ୍କୃତି ବିଭାଗ<br>ସଂସ୍କୃତି ଭବନ, ଓଡିଶା<br>ଭୁବନେଶ୍ୱର -୧୪ | |

**(ଗ) ବନ୍ୟା ପ୍ରପୀଡିତ ଅଞ୍ଚଳରେ ରିଲିଫ୍ ବଣ୍ଟନ ପାଇଁ ଅନୁମତି ଓ ସହଯୋଗ ପ୍ରାର୍ଥନା କରି ଜିଲ୍ଲାପାଳଙ୍କୁ ଦରଖାସ୍ତ**

ମାନନୀୟ ଜିଲ୍ଲାପାଳ
ଯାଜପୁର ଜିଲ୍ଲା, ଯାଜପୁର

ବିଷୟ : (ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ରିଲିଫ୍ ବଣ୍ଟନ ସମ୍ପର୍କରେ)
(ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଜରିଆରେ)

ମହାଶୟ,

ଆମ ମହାବିଦ୍ୟାଳୟର ଅନତି ଦୂରରେ ପ୍ରବାହିତ ବ୍ରାହ୍ମଣୀ ଓ ବିରୂପା ନଦୀରେ ଏବର୍ଷ ପ୍ରଳୟଙ୍କାରୀ ମହାବନ୍ୟା ସୃଷ୍ଟିହୋଇ, କୃଷ୍ଣନଗର, ସେରପୁର, ବରୀ ଅଞ୍ଚଳରେ ବ୍ୟାପକ ଧନଜୀବନ ନଷ୍ଟ ହୋଇଛି।

ନଦୀ ପାର୍ଶ୍ୱସ୍ଥ ବନ୍ଧରେ ଦୁଇଗୋଟି ଘାଇହୋଇ ଘରଦ୍ୱାର ଭାଙ୍ଗିଯିବା ସହିତ ଗୋ – ମହିଷାଦି ଗୃହପାଳିତ ପଶୁମାନଙ୍କ ମୃତ୍ୟୁ ଯୋଗୁଁ ପରିବେଶ ସମ୍ପୂର୍ଣ୍ଣ ଦୂଷିତ ହୋଇଯାଇଛି। ଅନାହାର ଓ ଅଭାବ ଭିତରେ ଗ୍ରାମରେ ବହୁ ବ୍ୟକ୍ତି ପିଲାମାନଙ୍କୁ ଧରି ବନ୍ଧ ଉପରେ ଉଚ୍ଚସ୍ଥାନ ମାନଙ୍କରେ ଆଶ୍ରୟ ନେଇଛନ୍ତି। ମଝିରେ ମଝିରେ ପ୍ରବଳ ବର୍ଷା ଓ ମୁଣ୍ଡଫଟା ଖରା ଯୋଗୁଁ ସେମାନେ ବଡ଼ ଅସହାୟ ହୋଇପଡ଼ିଛନ୍ତି। ଏ ପରିସ୍ଥିତିରେ ବନ୍ୟା ପୀଡିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆମ ମହାବିଦ୍ୟାଳୟରେ ଜାତୀୟ ସେବା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶ୍ରୀ ପ୍ରଣବ କୁମାର ପାତ୍ରଙ୍କ ନେତୃତ୍ୱରେ ଚୁଡା, ଚାଉଳ, ଦିଆସିଲି, ଲୁଗାପଟା ଓ ରନ୍ଧାଖାଦ୍ୟ ସଂଗ୍ରହ କରାଯାଇଛି। ରିଲିଫ୍ ବଣ୍ଟନ ପାଇଁ ମହାବିଦ୍ୟାଳୟର କେତେକ ଛାତ୍ରଛାତ୍ରୀ ଏକ ସେଚ୍ଛାସେବୀ ଦଳ ଗଠନ କରିଛନ୍ତି। ରିଲିଫ୍ ସାମଗ୍ରୀ ସୁବିଧାରେ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ଥାନୀୟ ସରପଞ୍ଚ ଆମ ଅନୁରୋଧ ରକ୍ଷାକରି ଏକ ଡଙ୍ଗା ମଧ୍ୟ ଯୋଗାଇ ଦେଇଛନ୍ତି। ରିଲିଫ୍ ଦଳ ଆମ ମହାବିଦ୍ୟାଳୟ ପରିସରରୁ ତା୧୯/୭/୨୦୧୭ରିଖ ଦିନ ସକାଳ ଦଶଟାରୁ ବାହାରି ବିପନ୍ନ ଲୋକମାନଙ୍କୁ ରିଲିଫ ସାମଗ୍ରୀ ବିତରଣ କରି ସନ୍ଧ୍ୟା ପାଞ୍ଚଟା ସୁଦ୍ଧା ଆମ ମହାବିଦ୍ୟାଳୟରେ ପହଞ୍ଚିବା ପାଇଁ ସ୍ଥିର ହୋଇଛି।

ଆପଣଙ୍କୁ ବିଶେଷ ଅନୁରୋଧ, ଆପଣ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ସହାୟତା କରିବା ପାଇଁ ତିନି ଜଣ କନେଷ୍ଟବଳ, ଗୋଟିଏ ପାଓ୍ୱାର ଲଞ୍ଚ୍ ଓ ଲାଇଫ୍ ବୋଟ୍‌ର ବ୍ୟବସ୍ଥା କଲେ ଆମେ ଉପକୃତ ହେବୁ।

ଏ ପରିପ୍ରେକ୍ଷୀରେ ରିଲିଫ୍ ବଣ୍ଟନ ପାଇଁ ଆର୍ଥିକ ସହଯୋଗ ଓ ଅନୁମତି ପ୍ରଦାନ କଲେ ଆମେ ଆପଣଙ୍କ ପାଖରେ କୃତଜ୍ଞ ରହିବୁ। ଆପଣଙ୍କର ସହଯୋଗ ଓ ଅନୁମତି ଅପେକ୍ଷାରେ।

ଆପଣଙ୍କର ଆଜ୍ଞାଧୀନ
କାଶୀନାଥ ମହାବିଦ୍ୟାଳୟରେ ଛାତ୍ର – ଛାତ୍ରୀଗଣ
ଶରତ କୁମାର ମହାନ୍ତି

କାଇପଡ଼ା, ବରୀ — ନୃସିଂହ ତ୍ରିପାଠୀ
୧୯/୪/୧୦୧୫ — ରସାନନ୍ଦ ସେଠୀ

**ଠିକଣା**

| ପ୍ରେରକ | ପ୍ରାପକ |
|---|---|
| ଶରତ କୁମାର ମହାନ୍ତି<br>କାଇପଡ଼ା ବରୀ,<br>ଯାଜପୁର | ଜିଲ୍ଲାପାଳ<br>ଯାଜପୁର |

**(ଘ) ତୁମ ଅଞ୍ଚଳରେ ବିଦ୍ୟୁତ ସରାବରାହ ଜନିତ ଅସୁବିଧା ଦୂର କରିବା ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଆବେଦନପତ୍ର।**

ମାନନୀୟ ନିର୍ବାହୀଯନ୍ତ୍ରୀ, ବିଦ୍ୟୁତ ଆବଣ୍ଟନ ବିଭାଗ,

କୋରାପୁଟ ବିଦ୍ୟୁତ ଡିଭିଜନ, କୋରାପୁଟ

ବିଷୟ : ( ବିଦ୍ୟୁତ ସରବରାହ ବ୍ୟାହତ ସମ୍ବନ୍ଧରେ)

ମହାଶୟ ,

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀ ସେମିଳିଗୁଡା ଗ୍ରାମର ଅଧିବାସୀ ଅଟୁ। ସେମିଳିଗୁଡା ଗ୍ରାମଟି ଜନଜାତି ଅଧ୍ୟୁଷିତ ଗ୍ରାମ। ଏହା ସେମିଳିଗୁଡା ପଞ୍ଚାୟତ ସମିତିର ଅନ୍ତର୍ଭୁକ୍ତ। ଏହି ଗ୍ରାମର ଲୋକ ସଂଖ୍ୟା ପାଞ୍ଚଶହ। ଜନଜାତି ଅଧ୍ୟୁଷିତ ଏହି ଗ୍ରାମର ଲୋକମାନେ ଛୋଟ ଛୋଟ ବ୍ୟବସାୟ ଓ କୁଟୀରଶିଳ୍ପ ଅବଲମ୍ବନରେ ଜୀବିକା ନିର୍ବାହ କରନ୍ତି। ଗ୍ରାମଟି ଦୁଇଟି ପାହାଡ ମଧ୍ୟରେ ଅବସ୍ଥିତ। ଦୀର୍ଘ ଏକମାସ ହେଲା ବିଦ୍ୟୁତ ସରବରାହର ଅନିୟମିତତା ଯୋଗୁଁ ଆମ୍ଭେମାନେ ବହୁ ସମସ୍ୟା ସମ୍ମୁଖୀନ ହେଉଅଛୁ। ବିଜୁଳିର ପ୍ରବାହ ଅନେକ ସମୟ ଧରି ବ୍ୟାହତ ହେବା ଫଳରେ ଛାତ୍ର, ଛାତ୍ରୀମାନେ ପାଠ ପଢିପାରୁ ନାହାନ୍ତି। ଗ୍ରାମରେ ଏକମାତ୍ର ଧାନ କଳଟି ଚାଲୁନାହିଁ। ଜଳଯୋଗାଣ ମଧ୍ୟ ବନ୍ଦ ରହୁଛି। ଦୁଇଟି ପାହାଡର ମଝିରେ ଗ୍ରାମଟି ଥିବାରୁ ଅନ୍ଧାରରେ ଭାଲୁ ଓ ଅନ୍ୟ ହିଂସ୍ରଜନ୍ତୁମାନେ ଅବାଧରେ ଗ୍ରାମରେ ବୁଲାବୁଲି କରୁଛନ୍ତି। ଫଳରେ ଧନ, ଜୀବନ ଓ ଜୀବିକା ପ୍ରତି ବିପଦ ଦେଖା ଦେଇଛି। ଏଠାରେ ଥିବା ସବ୍‌ଷ୍ଟେସନ, ଟ୍ରାନସ୍ଫରମର ପୁରୁଣା ହୋଇଥିବାରୁ ବହୁ ସମୟରେ ଅକାମୀ ହୋଇପଡୁଛି, ଯାହା ଫଳରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହେଉଛି।

ଏଣୁ ଆମ୍ଭେ ଗ୍ରାମବାସୀଗଣ ବିନୀତ ଅନୁରୋଧ କରୁକି ଆପଣ ଯଥାଶିଘ୍ର ଏହାର ପ୍ରତିକାର ବିଧାନ କଲେ ଆମ୍ଭେମାନେ ଏ ସମସ୍ୟାରୁ ମୁକ୍ତ ହେବୁ।

ଆପଣଙ୍କର ବିଶ୍ୱସ୍ତ

ସେମିଳିଗୁଡା ଗ୍ରାମବାସୀବୃନ୍ଦ

ରାମଚନ୍ଦ୍ର ବିଶୋଇ

କୃଷ୍ଣ ପ୍ରସାଦ ଜେନା

ଅନିଲ ସାହୁ

ସେମିଳିଗୁଡା — ସଦାନନ୍ଦ ପୃଷ୍ଟି

୧୩/୭/୧୭ — ଶ୍ରୀଧର ସାହୁ

ଠିକଣା

| ପ୍ରେରକ | ପ୍ରାପକ |
|---|---|
| ରାମଚନ୍ଦ୍ର ସାହୁ<br>ଗ୍ରାମ - ସେମିଳିଗୁଡା<br>ପୋ. ଜି - କୋରାପୁଟ | ନିର୍ବାହ ଯନ୍ତ୍ରୀ<br>ବିଦ୍ୟୁତ ଆବଣ୍ଟନ ବିଭାଗ<br>କୋରାପୁଟ |

**(ଙ) ତୁମ ଅଞ୍ଚଳରେ ବାରମ୍ବାର ହେଉଥିବା ଚୋରି ଡକାୟତି ରୋକିବା ପାଇଁ ଆରକ୍ଷୀ ଅଧିକାରୀଙ୍କ ନିକଟକୁ ଆବେଦନପତ୍ର।**

ମାନନୀୟ ଆରକ୍ଷୀ ଅଧୀକ୍ଷକ, କଟକ

ବିଷୟ : (ବାରମ୍ବାର ଚୋରି ଡକାୟତି ରୋକିବା ସମ୍ପର୍କରେ)

ମହାଶୟ,

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀ ବିଡାନାସୀ ସେକ୍ଟର ମାନଙ୍କର ଅଧିବାସୀ ଅଟୁ। ବିଡ଼ାନାସୀ ସେକ୍ଟର ମାନଙ୍କରେ ଦିନକୁ ଦିନ ଘଟୁଥିବା ଚୋରି ଡକାୟତି ସମ୍ପର୍କରେ ଆପଣଙ୍କର ସଦୟ ଦୃଷ୍ଟି ଆକର୍ଷଣ କରି ଏହାକୁ ରୋକିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ ଜଣାଉଛୁ।

ପ୍ରକାଶ ଥାଉକି ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ଭାବରେ ଜୀବନ ନିର୍ବାହ କରିବା ପାଇଁ ଆମେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସି.ଡି.ଏ) ଙ୍କ ଯୋଜନା ଦ୍ୱାରା ପ୍ରସ୍ତୁତ କାଠଯୋଡୀ ଓ ମହାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ବିଡ଼ାନାସୀରେ ପ୍ଲଟମାନ କ୍ରୟ କରି ବାସ କରିଅଛୁ। କିନ୍ତୁ ଦୁଃଖର ବିଷୟ ଏହି ଯେ ଏଠାରେ ଏବେ ମଧ କେତେକ ନିରୋଳା, ଅନ୍ଧାରୁଆ ସ୍ଥାନ ରହିଛି। ତେଣୁ ଦୁର୍ବୃତ୍ତମାନେ ଦିନ ଓ ରାତି ବେଳା ଚୋରି ଡକାୟତି କରି ଏ ଅଞ୍ଚଳର ଜନ-ଜୀବନକୁ ବିପର୍ଯ୍ୟସ୍ତ କରୁଛନ୍ତି। ରାତି ଆଠଟା ପରେ ସେମାନଙ୍କ ଦୌରାତ୍ମ୍ୟ ଯୋଗୁଁ ଯିବା - ଆସିବା କରିବା ଅସମ୍ଭବ ହୋଇପଡିଲାଣି। ଗତ ଦୁଇବର୍ଷ ଭିତରେ ପ୍ରାୟ ତିନିଶହରୁ ଅଧିକ ରାହାଜାନି ଓ ଲୁଟ୍‌ତରାଜ ଘଟିଯାଇଛି। ଏପରିକି ଦିନରେ ଝିଅ ବୋହୂମାନଙ୍କ ସୁନାହାର ଲୁଟି ନେବା ଏକ

ସାଧାରଣ କଥାହୋଇଗଲାଣି। ସ୍କୁଲ କଲେଜରେ ପଢୁଥିବା ଛାତ୍ର- ଛାତ୍ରୀମାନେ ଏବେ ରାସ୍ତାରେ ନିର୍ଭୟରେ ଯାଇପାରୁ ନାହାନ୍ତି। ମୋଟ ଉପରେ କହିବାକୁ ଗଲେ ବିଡ଼ାନାସୀ ଅଞ୍ଚଳର ଧନ-ଜୀବନ ବର୍ତ୍ତମାନ ସୁରକ୍ଷିତ ହୋଇ ରହିନାହିଁ।

ଏ ପରିପ୍ରେକ୍ଷୀରେ ଆମ୍ଭେ ଅନୁରୋଧ କରୁକି ଆପଣ ଏହି ସମସ୍ୟାକୁ ଦୃଷ୍ଟିଦେଇ ଏହାର ପ୍ରତିକାର ନିମିତ୍ତ ବିଡ଼ାନାସୀ ଛକ ଓ ନଦୀବନ୍ଧରେ ପେଟ୍ରୋଲିଂ ବ୍ୟବସ୍ଥା କରିବା ସହିତ କଠୋର ପଦକ୍ଷେପ ଗ୍ରହଣ କଲେ ଆମ୍ଭେମାନେ ଉପକୃତ ହେବୁ।

ଇତି
ଆପଣଙ୍କର ବିଶ୍ୱସ୍ତ
ବିଡ଼ାନାସୀ ସେକ୍ଟର ମାନଙ୍କର ଅଧିବାସୀବୃନ୍ଦ
ରବିନାରାୟଣ ସାହୁ

ବିଡ଼ାନାସୀ
୧୩/୪/୧୭

ସ୍ୱାକ୍ଷର - ମାଧବ ସ୍ୱାଇଁ
ପରୀକ୍ଷିତ ମିଶ୍ର

**ଠିକଣା**

| ପ୍ରେରକ | ପ୍ରାପକ |
|---|---|
| ମାଧବ ସ୍ୱାଇଁ<br>ବିଡ଼ାନାସୀ,<br>କଟକ | ଆରକ୍ଷୀ ଅଧୀକ୍ଷକ<br>କଟକ, ଓଡିଶା |

## (ଚ) ଜନସ୍ୱାର୍ଥ ମାମଲା

ମାନ୍ୟବର ମୁଖ୍ୟ ବିଚାରପତି,
ଉଚ୍ଚ ନ୍ୟାୟଳୟ, କଟକ, ଓଡିଶା,
ବିଷୟ : (ଇନ୍ଦିରାଗାନ୍ଧୀ ମହାବିଦ୍ୟାଳୟ, କଟକ ନିକଟରେ ମଦ ଦୋକାନ ଖୋଲିବା ନିଷ୍ପତ୍ତି ବିରୋଧରେ)

ମାନନୀୟେଷୁ ,

ନିବେଦନର ଅଭିପ୍ରାୟ ଏହିକି ଯେ ଇନ୍ଦିରାଗାନ୍ଧୀ ମହାବିଦ୍ୟାଳୟ କଟକ ସହରରେ ଥିବା ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ । ଏହି ଶିକ୍ଷାନୁଷ୍ଠାନରେ ପୁଅ ଝିଅ ମିଶି ପ୍ରାୟ ଏକହଜାର ଛାତ୍ରଛାତ୍ରୀ ପାଠପଢନ୍ତି ।

ମହାବିଦ୍ୟାଳୟ ମୁଖ୍ୟ ଫାଟକଠାରୁ ୧୦୦ ମିଟର ଦୂରରେ ଏକ ବିଦେଶ ଠିପିଖୋଲା ମଦ ଦୋକାନ ଖୋଲିବା ପାଇଁ ଅବକାରୀ ବିଭାଗ କର୍ତ୍ତୃପକ୍ଷ ଅନୁମତି ଦେଇଛନ୍ତି । ଯଦିଓ ଶିକ୍ଷାନୁଷ୍ଠାନ ପାଖରେ ମଦ ଦୋକାନ ଖୋଲିବା ଜନସ୍ୱାର୍ଥ ବିରୋଧୀ ଅଟେ ।

ମାଦକ ଦ୍ରବ୍ୟ ଶରୀର ଓ ମନପ୍ରତି ଅତି କ୍ଷତିକାରକ । ମଦ୍ୟାସକ୍ତ ହେଲେ ମଣିଷ ତା'ର ହିତାହିତ ଜ୍ଞାନ ହରାଇଥାଏ ଓ କୁକର୍ମ କରିବା ଦ୍ୱାରା ନିଜର, ପରିବାର ଓ ସମାଜର କ୍ଷତି କରେ । ମହାବିଦ୍ୟାଳୟ ନିକଟରେ ମଦଦୋକନ ରହିଲେ କୋମଳମତି ଛାତ୍ର- ଛାତ୍ରୀମାନେ ନିଜର ମାନସିକ ଭାରସାମ୍ୟ ହରାଇ ଦେଖା ଶିଖା ନ୍ୟାୟରେ ମଦ୍ୟପାନ କରି ନିଜର ଭବିଷ୍ୟତ ଜୀବନକୁ ନଷ୍ଟ କରିଦେବାର ସମ୍ଭାବନା ଅଛି । ମଦ ସେବନ କରି ନିଶାଗ୍ରସ୍ତ ବ୍ୟକ୍ତିମାନେ ଛାତ୍ରୀମାନଙ୍କୁ ଅଶାଳୀନ ବ୍ୟବହାର ଦେଖାଇ ମହାବିଦ୍ୟାଳୟର ପରିବେଶକୁ ଧ୍ୱଂସ ଓ ଅପବିତ୍ର କରି ଦେବା ବିଚିତ୍ର ନୁହେଁ ।

ଏଣି ବିନୀତ ଅନୁରୋଧ, ଆପଣ ଏହି ପ୍ରସଙ୍ଗଟିକୁ ଜନସ୍ୱାର୍ଥ ମାମଲା ଭାବରେ ଗ୍ରହଣ କରି ସତ୍ୟାସତ୍ୟ ନିର୍ଣ୍ଣୟ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ହେବେ ।

ଆପଣଙ୍କର ତୁରନ୍ତ ହସ୍ତକ୍ଷେପ ଆଶାରେ ।

ଆପଣଙ୍କର ବିଶ୍ୱସ୍ତ
ଜନାର୍ଦ୍ଦନ ତ୍ରିପାଠୀ
ପରିଚାଳନା ସମିତିର ସଭ୍ୟ
ଇନ୍ଦିରାଗାନ୍ଧୀ ମହାବିଦ୍ୟାଳୟ

କଟକ
୧୫/୪/୧୭

**ଠିକଣା**

| **ପ୍ରେରକ** | **ପ୍ରାପକ** |
|---|---|
| ଜନାର୍ଦ୍ଦନ ତ୍ରିପାଠୀ<br>କଟକ, ଓଡିଶା | ମୁଖ୍ୟବିଚାରପତି<br>ଉଚ୍ଚନ୍ୟାୟାଳୟ, କଟକ, ଓଡିଶା |

### (ଛ) ବିଦ୍ୟାଳୟରେ ନୈତିକଶିକ୍ଷା ପ୍ରବର୍ତ୍ତନ ପାଇଁ ସଂପାଦକଙ୍କୁ ପତ୍ର ।

ମାନନୀୟ ସଂପାଦକ 'ସମାଜ'
ଗୋପବନ୍ଧୁ ଭବନ,
କଟକ -୧

ମହାଶୟ,

ସାଂପ୍ରତିକ ଶିକ୍ଷା ବ୍ୟବସ୍ଥାକୁ ଦେଖିଲେ ଯେ କେହି ମାନସିକ ସ୍ତରରେ ଅସହାୟବୋଧ କରିବ । ବର୍ତ୍ତମାନ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡିକର ଛାତ୍ର- ଛାତ୍ରୀମାନଙ୍କର ଆଚରଣ ଦେଖି ଚିନ୍ତାଶୀଳ ବ୍ୟକ୍ତିମାନେ ବିଶେଷ ମର୍ମାହତ । ଆଜିର ଶିଶୁ କାଲିର ନାଗରିକ, ତେଣୁ ଶୈଶବରୁ ତା' ମନରେ ନୀତିଶିକ୍ଷାର ମହତ୍ତ୍ୱ ଭରିଦେବା ଉଚିତ୍ ।

ନୀତିଶିକ୍ଷା ଶିକ୍ଷାର୍ଥୀଙ୍କର ଜୀବନଧାରାକୁ ପ୍ରଭାବିତ କରେ । ବ୍ୟକ୍ତି ଜୀବନରେ ରହିଥିବା ସୁଗୁଣ ଗୁଡିକୁ ବିକଶିତ କରାଇବାରେ ନୈତିକଶିକ୍ଷା ସହାୟକ ହୋଇଥାଏ । ମନୋବିଜ୍ଞାନୀମାନେ କହିଲେଣି ଯେ ଶୈଶବ ହେଉଛି ବ୍ୟକ୍ତିତ୍ୱ ଗଠନ କରିବାର ପ୍ରଥମ ଅବସ୍ଥା । ପାଞ୍ଚବର୍ଷରୁ ପନ୍ଦରବର୍ଷ ପର୍ଯ୍ୟନ୍ତ କିଶୋରକୁ ଯଦି ମୂଲ୍ୟବୋଧ ଓ ନୈତିକଶିକ୍ଷା ପ୍ରଦାନ କରାଯାଏ, ତେବେ ଭବିଷ୍ୟତରେ ତାହାର ଜୀବନଶୈଳୀ, ସମାଜ ପ୍ରତି ଅଙ୍ଗୀକାରବଦ୍ଧତା ବା ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହୋଇପାରିବ । ଆଜିକାଲି ମୂଲ୍ୟବେଧ ଓ ନୈତିକତାର ଅଧୋଗତି ଦେଖିବାକୁ ମିଳୁଛି । ଦପ୍ତରମାନଙ୍କରେ ଲାଞ୍ଚ ପ୍ରାଧାନ୍ୟ ବିସ୍ତାର କରିଛି । ରାଜନୀତିଜ୍ଞମାନଙ୍କ ମଧ୍ୟରେ ସମ୍ପତ୍ତି ଠୁଳ କରିବା, ମିଥ୍ୟା ପ୍ରତିଶ୍ରୁତି ଦେଇ ସ୍ୱାର୍ଥ ହାସଲ କରିବା ଏକ ଅଭ୍ୟାସରେ ପରିଣତ ହେଲାଣି । ଏ କ୍ଷେତ୍ରରେ ବିଚାର କରିବାର କଥା ଯେ, ଯୁଦ୍ଧ, ହିଂସ୍ରତା, ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା, ନିଜ ମନରେ ହିଁ ପ୍ରଥମେ ପ୍ରକାଶିତ ହୁଏ । ଅତଏବ ମନକୁ ସୁନ୍ଦର ଓ ଅନୈତିକ ପ୍ରଭାବ ମୁକ୍ତ କରିବାକୁ ହେଲେ ପ୍ରାଥମିକ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସବୁ ପ୍ରକାର ଶିକ୍ଷାନୁଷ୍ଠାନରେ ନୈତିକ ଶିକ୍ଷା ପ୍ରଚଳିତ ହେବା ଦରକାର । ତେବେ ନୈତିକଶିକ୍ଷା ଓ ଧର୍ମଶିକ୍ଷା ଏକ କଥା ନୁହେଁ । ପ୍ରକୃତ ଧର୍ମର ଅର୍ଥ ହେଉଛି ଚିରନ୍ତନ ମୂଲ୍ୟବୋଧ ବା ନୀତି ଯାହା ଏ ସମାଜକୁ ଧରି ରଖିଛି । ସତ୍ୟ, ଅହିଂସା , ଦୟା, ଉଦାରତା , ନିଃସ୍ୱାର୍ଥପରତା, ଦେଶପ୍ରୀତି, ଚରିତ୍ରବତ୍ତା ପ୍ରଭୃତି ଏହାର ଅନ୍ତର୍ଗତ । ନୈତିକ ଶିକ୍ଷା ପ୍ରଚଳନ ପାଇଁ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ସ୍ତରରେ ଉଦ୍ୟମ ହେବା ଜରୁରୀ । ଛାତ୍ର - ଛାତ୍ରୀମାନଙ୍କ ପାଠ୍ୟକ୍ରମରେ ମୂଲ୍ୟବୋଧ ଓ ନୈତିକତା ପୂର୍ଣ୍ଣ ବିଷୟ ସ୍ଥାନ ପାଇବା

ଉଚିତ୍ । ଏହାଛଡା ବିଦ୍ୟାଳୟରେ ମହାପୁରୁଷମାନଙ୍କ ଜୟନ୍ତୀ ପାଳନ, ଜୀବନୀ ପାଠ କରିବାକୁ ପ୍ରୋତ୍ସାହନ ପ୍ରଦାନ ଓ ପାଠ୍ୟକ୍ରମରେ ନୀତିଶିକ୍ଷାମୂଳକ ପ୍ରସଙ୍ଗ ସ୍ଥାନ ପାଇବା ଆବଶ୍ୟକ । ସମାଜର ବରିଷ୍ଠ ଶିକ୍ଷାବିତ୍, ସମାଜସେବୀ, ରାଷ୍ଟ୍ରନୀତିଜ୍ଞ, କବି ଓ କଳାକାରମାନଙ୍କୁ ନିମନ୍ତ୍ରଣ କରି ଛାତ୍ର - ଛାତ୍ରୀମାନଙ୍କ ପାଇଁ ଅଭିଭାଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବା ଦରକାର । ସବୁ ଧର୍ମର ସାର ତତ୍ତ୍ୱ ଓ ମୌଳିକ ଚିନ୍ତନର ଆଧାରରେ ନୀତିଶିକ୍ଷା ପୁସ୍ତକ ରଚନା କରି ବାଧ୍ୟତାମୂଳକ ପାଠ୍ୟକ୍ରମ ରୂପେ ଏହାକୁ ପ୍ରଚଳନ କରିବା ଖୁବ୍ ଜରୁରୀ ମନେହୁଏ ।

'ସମାଜ' ଗୋପବନ୍ଧୁ ଦ୍ୱାରା ପ୍ରତିଷ୍ଠିତ ଏକ ମୂଲ୍ୟବୋଧଭିତ୍ତିକ ସମ୍ବାଦପତ୍ର । ଏହା ବିଦ୍ୟାଳୟ ସ୍ତରରେ ନୈତିକଶିକ୍ଷା ପ୍ରବର୍ତ୍ତନ ପାଇଁ ଜନମତ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା । - ଏହି ଆଶାରେ ଏ ପତ୍ରଟି ଲେଖାଯାଇଛି ।

ଆଶା ଆପଣଙ୍କ କାଗଜରେ ଏ ପତ୍ର ପ୍ରକାଶ କରି ଆମ୍ଭଙ୍କୁ କୃତଜ୍ଞ କରାଇବେ ।

ଇତି

ତା ୧୬/୪/୨୦୧୭

ଆପଣଙ୍କର ସୌଜନ୍ୟ ମୁଗ୍ଧ

ଶ୍ରୀ ରମେଶଚନ୍ଦ୍ର ମହାନ୍ତି

କୃଷ୍ଣନଗର

ବରୀ - କଟକ

**ଠିକଣା**

| **ପ୍ରେରକ** | **ପ୍ରାପକ** |
|---|---|
| ଶ୍ରୀ ରମେଶଚନ୍ଦ୍ର ମହାନ୍ତି<br>କୃଷ୍ଣନଗର<br>ସୋପୁର<br>ବରୀ- କଟକ | ସମ୍ପାଦକ ସମାଜ<br>ଗୋପବନ୍ଧୁ ଭବନ<br>କଟକ - ୭୫୩୦୦୧ |

**(ଜ) ବ୍ୟବସାୟିକ ସଂସ୍ଥାରେ ବିତରକ ପ୍ରତିନିଧି ହେବାପାଇଁ ଆବେଦନ ପତ୍ର ।**

ମାନନୀୟ ନିର୍ଦ୍ଦେଶକ,
ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ,ପ୍ରଣୟନ ଓ ପ୍ରକାଶନ ସଂସ୍ଥା,
ଭୁବନେଶ୍ୱର

ବିଷୟ : (ବିତରକ ପ୍ରତିନିଧି ପଦବୀ ନିମନ୍ତେ ଆବେଦନ)

ମହାଶୟ,

ସମ୍ମାନର ସହ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରି ଆପଣଙ୍କୁ ଜଣାଇବାକୁ ଚାହେଁ ଯେ ଦୈନିକ 'ସମ୍ବାଦ' ତା ୧୦/ ୪/୨୦୧୭ ରିଖ ବିଜ୍ଞାପନରେ ଆପଣ ଆପଣଙ୍କ ପ୍ରକାଶନ ସଂସ୍ଥା ପାଇଁ ଜଣେ ବିତରକ ପ୍ରତିନିଧି ଆବଶ୍ୟକ କରୁଛନ୍ତି । ଏଥିପାଇଁ ମୁଁ ନିଜର ପ୍ରାର୍ଥୀତ୍ୱ ଆପଣଙ୍କ ସୁବଚାର ପାଇଁ ଉପସ୍ଥାପିତ କରୁଅଛି । ଆପଣଙ୍କ ପ୍ରକାଶନ ସଂସ୍ଥା ଓଡ଼ିଶା କାହିଁକି ଭାରତବର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ମର୍ଯ୍ୟାଦାବନ୍ତ ଅଗ୍ରଣୀ ସଂସ୍ଥା ରୂପେ ପରିଚିତ । ଏହା ଆପଣଙ୍କୁ ଆଜି ଖ୍ୟାତିର ଶୀର୍ଷ ସ୍ଥାନରେ ପହଞ୍ଚାଇଛି । ଏପରି ପ୍ରକାଶନର ସଂସ୍ଥାର ବିତରକ ପ୍ରତିନିଧି ହେବା ମୋ ପାଇଁ ଗୌରବର କଥା ହେବ । ଆପଣଙ୍କ ସଂସ୍ଥା ମୋତେ ଉପଯୁକ୍ତ ମନେକଲେ ମୋତେ ନିଯୁକ୍ତି ଦେବାକୁ ମୁଁ ପ୍ରାର୍ଥନା କରୁଅଛି ।

ମୁଁ ଏଠାରେ ବିନମ୍ର ଭାବରେ କହିବାକୁ ଚାହେଁ ଯେ ମୁଁ ଆପଣଙ୍କ ପ୍ରକାଶନ ସଂସ୍ଥାର ଖ୍ୟାତି ଓ ଗୌରବବୃଦ୍ଧି ପାଇଁ ବିଶ୍ୱସନୀୟତାର ସହ ସମସ୍ତ କର୍ମ ସମାପନ କରିବି ।

ଆପଣଙ୍କ ଆବଶ୍ୟକତା ଅନୁଯାୟୀ ମୁଁ ଆବେଦନପତ୍ର ସହିତ ମୋର ବାୟୋଡାଟା (ମୋ ସମ୍ପର୍କୀୟ ତଥ୍ୟ) ଆପଣଙ୍କ ବିଚାର ପାଇଁ ସଂଶ୍ଳିଷ୍ଟ କରୁଅଛି ।

ଇତି
ଆପଣଙ୍କର ବିଶ୍ୱସ୍ତ
ସରୋଜ କୁମାର ମିଶ୍ର

ଜୟପୁର
୨୫/୩/୨୦୧୭

## ୧.୩.୩ ବ୍ୟକ୍ତିଗତ ପତ୍ର ଲିଖନ କୌଶଳ

ବ୍ୟକ୍ତିଗତ ପତ୍ରରେ ଥାଏ ବ୍ୟକ୍ତିର ସୁଖ - ଦୁଃଖ କଥା କିମ୍ବା କୌଣସି ବ୍ୟକ୍ତିଗତ ସୂଚନା, ବାର୍ତ୍ତା ବା ଖବର । ସାମାଜିକ ବା ପାରିବାରିକ ଜୀବନରେ ମନର ଭାବନାକୁ ନିଜ ପ୍ରିୟଜନଙ୍କ ପାଖକୁ ପ୍ରେରକ ବ୍ୟକ୍ତିଗତ ଭାବେ ନିଜର ଅନୁଭୂତି , ସମସ୍ୟା, ଆବଶ୍ୟକତା , ଭଲମନ୍ଦ, ମତାମତ ଏହି ବ୍ୟକ୍ତିଗତ ପତ୍ର ମଧ୍ୟରେ ସନ୍ନିବେଶିତ କରିଥାଏ । କୌଣସି ଘଟଣା ବା ଅନୁଭୂତିକୁ ପ୍ରକାଶ କଲାବେଳେ ବ୍ୟକ୍ତିର ଭାବାବେଗ, ଯୁକ୍ତି ଏଥିରେ ପୂର୍ଣ୍ଣରୂପେ ପ୍ରତିଫଳିତ ହୋଇଥାଏ । ଏହାର ଭାଷା ସରଳ ଓ ଆବେଗାତ୍ମକ ହୋଇଥିବାରୁ ପ୍ରାପକ ମନରେ ଗଭୀର ରେଖାପାତ କରିଥାଏ । ବ୍ୟକ୍ତିର ହର୍ଷ, ଉଲ୍ଲାସ, ଆନନ୍ଦ, ଅଶ୍ରୁ, ବିଷାଦ, ସଫଳତା ବିଫଳତା, ପ୍ରେରଣା, ଉତ୍ସାହ ଯାହା ବ୍ୟକ୍ତିବିଶେଷ ସହିତ ଜଡିତ, ତାର ପ୍ରତିଫଳନ ଏହି ପାତ୍ର ମାଧ୍ୟମରେ ପ୍ରକାଶ ପାଇଥାଏ ।

ବ୍ୟକ୍ତିଗତ ପତ୍ରର ଡାହାଣ ପାର୍ଶ୍ୱ (ଉପର)ରେ ସ୍ଥାନ ଓ ତାରିଖ ଲେଖାଯାଇଥାଏ । ବାମ ପାର୍ଶ୍ୱରେ ଚିଠି ପ୍ରାପକଙ୍କୁ ସଂମ୍ବୋଧନ/ ସମ୍ମାନ କରାଯାଇଥାଏ । ଲଫାପାର ବାମପାର୍ଶ୍ୱରେ ପ୍ରେରକର ନାମ ଓ ଠିକଣା ଲେଖାହୁଏ ଏବଂ ଡାହାଣ ପାର୍ଶ୍ୱରେ ଗ୍ରାହକର ନାମ ଓ ସଂପୂର୍ଣ୍ଣ ଠିକଣା ଲେଖାଯାଇଥାଏ । ବାମପାର୍ଶ୍ୱ ଉପରେ ଆବଶ୍ୟକ ଟିକେଟ ଲଗାଯାଇଥାଏ ।

ପତ୍ର ଲିଖନ ଏକ ସ୍ୱତନ୍ତ୍ର ବ୍ୟବହାରିକ କଳା । ଉତ୍ତମ ପତ୍ର ଲିଖନ ପାଇଁ ପ୍ରେରକ ନିଜର ଶୈଳୀ ସହିତ ଭାବାବେଗକୁ ପ୍ରକାଶ କରିଥାଏ ।

### (କ) ମାଟ୍ରିକ ପରୀକ୍ଷାରେ ତୁମର ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ମାମୁଙ୍କ ପାଖକୁ ଚିଠି ।

କୃଷ୍ଣ ନଗର

ତା୧୫/୪/୨୦୧୭

ପୂଜନୀୟ ମାମୁ ,

ମୋର ପ୍ରଣାମ ଗ୍ରହଣ କରିବେ । ଅଜା, ଆଇ, ମାଇ ଓ ଇଲାନାନୀଙ୍କୁ ମୋର ପ୍ରଣାମ । ସୋନୁକୁ ମୋର ସ୍ନେହ ଓ ଶ୍ରଦ୍ଧା ଜଣାଇ ଦେବେ ।

ଆପଣଙ୍କ ପ୍ରେରିତ ଚିଠିଟି ତିନି ଦିନ ହେଲା ପାଇଲି, ଏହା ମୋତେ ଖୁବ୍ ଉତ୍ସାହିତ କରିଛି। ମୋର ପରୀକ୍ଷା ଫଳ ବାହାରିବା ପରେ ମୁଁ କ'ଣ କରିବି ସେ ସମ୍ପର୍କରେ ଆପଣ ଜାଣିବାକୁ ଚାହିଁଛନ୍ତି। ପରୀକ୍ଷାରେ ମୁଁ ଭଲ କରିଛି। ଗଣିତ, ବିଜ୍ଞାନ ଓ ସଂସ୍କୃତରେ ମୁଁ ଶତକଡ଼ା ୯୫ ନମ୍ବର ରଖିବି ବୋଲି ଆଶା ରଖିଛି। ମୋର ବିଶ୍ୱାସ ମୁଁ ପ୍ରଥମ ଶ୍ରେଣୀରେ ନିଶ୍ଚୟ ଉତ୍ତୀର୍ଣ୍ଣ ହେବି। ଅଧ୍ୟୟନ ଛାତ୍ର ଜୀବନର ତପସ୍ୟା – ଏହି ମହତବାଣୀକୁ ହୃଦୟରେ ଧରି ପରୀକ୍ଷା ପାଇଁ ମୁଁ କଠିନ ପରିଶ୍ରମ କରିଛି। ଏବେ ପରୀକ୍ଷା ସରିବା ପରେ ପତ୍ର, ପତ୍ରିକା ଓ ମହାପୁରୁଷଙ୍କ ଜୀବନୀ ପାଠ କରୁଛି। ଅବଶିଷ୍ଟ ସମୟ ଆଳସ୍ୟରେ ନ କଟାଇ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ମୁଁ ସଂକଳ୍ପ କରିଛି।

ମୋର ଲକ୍ଷ୍ୟ ମୁଁ କନିଷ୍ଠ ମହାବିଦ୍ୟାଳୟରେ ବିଜ୍ଞାନ ପଢିବି। କୃଷି ବିଜ୍ଞାନରେ ମୋର ଆଗ୍ରହ ରହିଛି। ଭାରତ ଏକ କୃଷି ପ୍ରଧାନ ଦେଶ। କୃଷିକୁ ପ୍ରୋତ୍ସାହନ ଦେବା ପାଇଁ ମୁଁ ସ୍ଥିର କରିଛି। ଆମର ଜମିଜମା ଅଛି, କିନ୍ତୁ ଆଧୁନିକ ଜ୍ଞାନ କୌଶଳ ଓ କୃଷି – ସମ୍ପର୍କିତ ପ୍ରଶିକ୍ଷଣ ବିନା ଭଲ ଉତ୍ପାଦନ ହୋଇପାରୁ ନାହିଁ। ମୋର ବିଶ୍ୱାସ ଏ ଦିଗରେ ମୁଁ କିଛି ନୂତନ ତଥ୍ୟ ଦେଇ ରାଜ୍ୟରେ ଖାଦ୍ୟ ସମସ୍ୟା ଦୂର କରିବାରେ ସହାୟକ ହୋଇପାରିବି। ଆଜିକାଲି ସମସ୍ତେ ଚାକିରି ପଛରେ ଗୋଡାଉଛନ୍ତି, କିନ୍ତୁ ଚାକିରି ସଂଖ୍ୟା ସୀମିତ ହୋଇଥିବା ଯୋଗୁଁ ବେକାରୀ ବଢୁଛି ଓ ସମାଜରେ ଅଶାନ୍ତି, ହିଂସା, ଭେଦ-ଭାବ ବଢି ଚାଲିଛି। କୃଷିକୁ ସରକାର ଏବେ ଶିଳ୍ପର ମାନ୍ୟତା ଦେବାପାଇଁ ବହୁ ଯୋଜନା ଓ ନୀତି ପ୍ରଣୟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ କୃଷି ବିଶ୍ୱବିଦ୍ୟାଳୟରେ କୃଷି ବିଜ୍ଞାନ ପଢି ମୁଁ କୃଷିକ୍ଷେତ୍ରରେ ନିଜକୁ ନିୟୋଜିତ କରିବି। ଏ ସମ୍ପର୍କରେ ଆପଣଙ୍କ ସୁଚିନ୍ତିତ ପରାମର୍ଶ ଅପେକ୍ଷାରେ ମୁଁ ରହିଛି। ବାପା-ବୋଉ ଓ ଅପା ଭଲ ଅଛନ୍ତି। ଆପଣମାନେ କିପରି ଅଛନ୍ତି ? ଚିଠି ପାଇ ଚିଠି ଦେବେ।

ଇତି

ସ୍ନେହାଧୀନ

ଅଶୋକ

**ଠିକଣା**

| **ପ୍ରେରକ** | **ପ୍ରାପକ** |
|---|---|
| ଶ୍ରୀ ଅଶୋକ କୁମାର ମହାପାତ୍ର<br>ମାର୍ଫତ – ରାଧାବଲ୍ଲଭ ଦାସ<br>କୃଷ୍ଣ ନଗର<br>ସେରପୁର<br>ଜିଲ୍ଲା- ଯାଜପୁର, ଓଡିଶା | ଶ୍ରୀଯୁକ୍ତ ରସିକ ମୋହନ ମହାପାତ୍ର<br>ଗ୍ରାମ – କେନ୍ଦ୍ରାପଡ଼ା (ମହୀପାଳ)<br>ଜିଲ୍ଲା – କେନ୍ଦ୍ରାପଡ଼ା<br>ଓଡ଼ିଶା |

**(ଖ) ଏକ ଦର୍ଶନୀୟ ସ୍ଥାନ ଭ୍ରମଣର ଅନୁଭୂତି ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର।**

**ଜୟପୁର**

**ତା.୧୭/୪/୨୦୧୭**

**ପ୍ରିୟ ମନୋଜ,**

ମୋର ସ୍ନେହ ନେବୁ। ମଉସା, ମାଉସୀଙ୍କୁ ମୋର ପ୍ରଣାମ, ବଡ଼ ଭାଇଙ୍କୁ ନମସ୍କାର। ଟୁଟୁ ଓ ମିଟୁଙ୍କୁ ମୋର ସ୍ନେହ ଜଣାଇବୁ। ତୁ ଦେଇଥିବା ଚିଠିଟି ଗତକାଲି ପାଇଲି। ମୁଁ ଦେଖିଥିବା ଦର୍ଶନୀୟ ସ୍ଥାନ ସମ୍ପର୍କରେ ଜାଣିବାକୁ ତୁ ଆଗ୍ରହ ପ୍ରକାଶ କରିଥିବାରୁ ମୁଁ ଏ ଚିଠିରେ ସେ ସମ୍ପର୍କରେ କିଛି ଲେଖୁଛି।

ମନୋଜ, ଆମ ଉତ୍କଳ ପ୍ରକୃତରେ କଳାରେ ଭୂମି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ କଳା-ସ୍ଥାପତ୍ୟ ବିଶ୍ୱ ପ୍ରସିଦ୍ଧ। ଆମର ଲିଙ୍ଗରାଜ ମନ୍ଦିର, ଜଗନ୍ନାଥ ମନ୍ଦିର, ରାଜରାଣୀ ମନ୍ଦିର ଓ କୋଣାର୍କ ମନ୍ଦିରର ସୂକ୍ଷ୍ମକଳା ଓ କାରୁକାର୍ଯ୍ୟ ସମଗ୍ର ବିଶ୍ୱରେ ବିସ୍ମୟ ସୃଷ୍ଟି କରିଛି। ବିଶେଷତଃ କୋଣାର୍କ ମନ୍ଦିରର ପରିକଳ୍ପନା ଓ ତା'ର ଚମତ୍କାର କାରୁକାର୍ଯ୍ୟ ନ ଦେଖିଲେ ଜାଣିହେବ ନାହିଁ। ମୁଁ ପୂଜା ଛୁଟିରେ ଭାଇଙ୍କ ସହିତ କୋଣାର୍କ ମନ୍ଦିର ବୁଲି ଯାଇଥିଲି।

କୋଣାର୍କ ମନ୍ଦିର ପୁରୀ ଜିଲ୍ଲାରେ ଅବସ୍ଥିତ। ସମୁଦ୍ର କୂଳରେ ସୂର୍ଯ୍ୟ ଉପସାନା ପାଇଁ ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା। ଇତିହାସ କହେ ଓଡିଶାର ବାର ବର୍ଷର ରାଜସ୍ୱ ଏହି ମନ୍ଦିର ନିର୍ମାଣ ପାଇଁ ବ୍ୟୟ ହୋଇଥିଲା। କୋଣାର୍କ ମନ୍ଦିରର ଅନତିଦୂରରେ ଚନ୍ଦ୍ରଭାଗାର ସୂର୍ଯ୍ୟୋଦୟର ଦୃଶ୍ୟ ଅତୀବ ମନୋରମ। ଏଠାରେ ସାଗରର ନୀଳବକ୍ଷରେ ଉଦିତ ସୂର୍ଯ୍ୟର ଲୋହିତ ରଶ୍ମି ପତିତ ହୋଇ ଅପୂର୍ବ ଶୋଭା ସୃଷ୍ଟି କରେ। ଆମେ ଚନ୍ଦ୍ରଭାଗାର ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟ ଉପଭୋଗ କରି କୋଣାର୍କ ମନ୍ଦିର ଅଭିମୁଖେ ଯାତ୍ରା କଲୁ।

କୋଣାର୍କ ମନ୍ଦିର ପାଖରେ ପହଞ୍ଚି କୋଣାର୍କର କାରୁକାର୍ଯ୍ୟ ଦେଖି ଆମେ ମୁଗ୍ଧ ହୋଇଯାଇଥିଲୁ। ଓଡିଆ ଶିଳ୍ପୀ ଏଠାରେ ପାହାଡ ଦେହରେ କବିତା ସୃଷ୍ଟି କରିଛି। କୋଣାର୍କର ଅଳସ କନ୍ୟା,ପ୍ରସ୍ତର ଦେହରେ ରୂପ ପାଇଥିବା ଅଶ୍ୱ ମାନଙ୍କରେ ଆକର୍ଷଣୀୟ ସୌନ୍ଦର୍ଯ୍ୟ କୁ ନିଜେ ନ ଦେଖିଲେ ବର୍ଣ୍ଣନା କରିହେବ ନାହିଁ। ମୁଖ୍ୟ ମନ୍ଦିର ଭାଙ୍ଗି ଯାଇଥିଲେ ବି ମୁଖଶାଳାର କାରୁକାର୍ଯ୍ୟ, ଏବେବି ଦର୍ଶକ ମନକୁ ଆକର୍ଷିତ କରୁଛି। ଏହିପରି ଏକ ପ୍ରାଚୀନ ଦର୍ଶନୀୟ ସ୍ଥାନକୁ ଉପଯୁକ୍ତ ଭାବେ ରକ୍ଷଣା ବେକ୍ଷଣା କରିବା ଦାୟିତ୍ୱ ଉଭୟ ସରକାର ଓ ନାଗରିକମାନଙ୍କର ରହିବା ଉଚିତ୍। ଏହାଦ୍ୱାରା ଓଡିଶାର ଗର୍ବ ଓ ଗୌରବ ରକ୍ଷା ହେବା ସହିତ ବିଶ୍ୱମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବ।

ଏତିକିରେ ରହିଲି
ତୁମର ପ୍ରିୟ ସାଙ୍ଗ
ପ୍ରିୟରଂଜନ

| ପ୍ରେରକ | ପ୍ରାପକ |
|---|---|
| ଶ୍ରୀ ପ୍ରିୟରଂଜନ ପ୍ରଧାନ<br>ଗ୍ରାମ -ଜୟପୁର<br>ପୋଷ୍ଟ - ଜୟପୁର<br>ଜିଲ୍ଲା - ଜୟପୁର<br>ପିନ୍ - ୭୬୯୦୦୧ | ଶ୍ରୀ ମନୋଜ କୁମାର ପଣ୍ଡା<br>ଗ୍ରାମ- ହରିହର ପୁର<br>ପୋଷ୍ଟ - ହଳଦିଆ<br>ଜିଲ୍ଲା - କଟକ<br>ପିନ୍ - ୭୫୪୨୧୫ |

## ୧.୩.୪ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

(୧) ଗ୍ରାମରେ ନଳକୂପ ଖନନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ।

(୨) ପରିବେଶ ପ୍ରଦୁଷଣର ପ୍ରତିକାର ପାଇଁ ମହାନିଗମର ଅଧକ୍ଷଙ୍କୁ ପତ୍ର ଲେଖ।

(୩) ଅସୁବିଧା କାରଣ ବଶତଃ କାର୍ଯ୍ୟଳୟରେ ଯୋଗଦେଇ ନପାରିବା ପାଇଁ ଛୁଟି ଦରଖାସ୍ତ ପ୍ରସ୍ତୁତ କର।

(୪) ଜନସ୍ୱାର୍ଥ ମାମଲା ସଂପର୍କରେ କର୍ତ୍ତୃପକ୍ଷଙ୍କୁ ପତ୍ର ରଚନା କର।

(୫) ଗ୍ରାମରେ ଅବୈଧ ମଦ ଦୋକାନ ଖୋଲିବା ସଂପର୍କରେ ଅଧିକାରୀଙ୍କ ନିକଟକୁ ପତ୍ର ପ୍ରସ୍ତୁତ କର।

(୬) ଅସାମାଜିକ ତତ୍ତ୍ୱମାନଙ୍କ ଦ୍ୱାରା ହଇରାଣ ହରକତ ସଂବନ୍ଧରେ ସମ୍ବାଦ ପତ୍ରର ସଂପାଦକଙ୍କୁ ପତ୍ର ଲେଖ।

(୭) ବାର୍ଷିକ ଆୟବ୍ୟୟର ପ୍ରମାଣପତ୍ର ପାଇଁ ତହସିଲଦାରଙ୍କ ନିକଟକୁ ଦରଖାସ୍ତ ରଚନା କର।

(୮) ବାରମ୍ବାର ବିଦ୍ୟୁତ୍‌କାଟ ପ୍ରତିବାଦରେ କର୍ତ୍ତୃପକ୍ଷଙ୍କୁ ନିକଟକୁ ଦରଖାସ୍ତ ଲେଖ।

(୯) ବୁଲିଯାଇଥିବା ଦର୍ଶନୀୟ ସ୍ଥାନ ସଂପର୍କରେ ବଡ଼ ଭଉଣୀଙ୍କ ନିକଟକୁ ଚିଠି ଲେଖ।

(୧୦) +୨ ପରୀକ୍ଷା ପାଇଁ ଉତ୍ତମ ପ୍ରସ୍ତୁତି ସକାଶେ ସାନ ଭାଇକୁ ପତ୍ର ଲେଖ।

(୧୧) ଛାତ୍ରାବାସରୁ ମାଆଙ୍କ ନିକଟକୁ ପତ୍ର ଲେଖ।

(୧୨) ଗୋଟିଏ ଦୁର୍ଘଟଣା ବର୍ଣ୍ଣନା କରି ବଡ଼ଭାଇଙ୍କ ନିକଟକୁ ପତ୍ର ଲେଖ।

(୧୩) ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ଶିକ୍ଷକଙ୍କ ନିକଟକୁ ପତ୍ର ଲେଖ।

(୧୪) ବିଦେଶରେ ରହି ସେଠିକାର ସାମାଜିକ, ସଂସ୍କୃତିକ ବ୍ୟବସ୍ଥା ସଂପର୍କରେ ବାପାଙ୍କୁ ପତ୍ର ଲେଖ।

❑❑❑

# ଦ୍ୱିତୀୟ ଏକକ : ନିମନ୍ତ୍ରଣ ପତ୍ର

# : ଅଦାଲତ ସଂପର୍କିତ କାଗଜାଜ ପତ୍ର

ବିଷୟର ଗଠନ:

୨.୦ ନିମନ୍ତ୍ରଣ ପତ୍ରର ଉଦ୍ଦେଶ୍ୟ ଓ ଲିଖନ କୌଶଳ

୨.୧ ନିମନ୍ତ୍ରଣ ପତ୍ର : ନମୁନା

୨.୨ ପ୍ରେସ୍ ଇସ୍ତାହାର

୨.୩ କୋର୍ଟ ସମ୍ବନ୍ଧୀୟ ଦଲିଲ୍

୨.୪ ଦଲିଲ୍ ନମୁନା

୨.୪.୧ ଶିଳାଲିପି

୨.୪.୨ ସତ୍ୟପାଠ

୨.୪.୩ ଉପହାର ତାଲିକା ପ୍ରସ୍ତୁତି ପ୍ରଣାଳୀ

୨.୪.୪ ଏତାଲା

୨.୪.୫ ଓକାଲତନାମା

୨.୪.୬ ଚୁକ୍ତିପତ୍ର

୨.୪.୭ ବିବାହ ବିଚ୍ଛେଦ ନିମନ୍ତେ ଚୁକ୍ତିପତ୍ର

୨.୪.୮ ଖତିଆନ / ପାଉତି

୨.୪.୯ ବିଜ୍ଞାପନ / ଲିଜ

୨.୫ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

## ୨.୦ ନିମନ୍ତ୍ରଣ ପତ୍ର ପତ୍ରର ଉଦ୍ଦେଶ୍ୟ ଓ ଲିଖନ କୌଶଳ

ଭାରତ ଏକ ସଂସ୍କୃତି ସମୃଦ୍ଧ ରାଷ୍ଟ୍ର। ସାମାଜିକ ଜୀବନରେ ବିବିଧ ପର୍ବପର୍ବାଣୀ, ଉତ୍ସବ ଉଦ୍‌ଘାଟନ, ପ୍ରତିଷ୍ଠା ଉତ୍ସବ ପାଳନ, ବିବାହ, ବ୍ରତ, ସଭାସମିତିରେ ଯୋଗ ଦେବା ଉଦ୍ଦେଶ୍ୟରେ ଆମନ୍ତ୍ରଣ ଜଣାଇ ପତ୍ର ମାଧ୍ୟମରେ ଆମେ ସମ୍ବାଦ ପ୍ରେରଣ କରିଥାଉ ତାକୁ ନିମନ୍ତ୍ରଣ ପତ୍ର କୁହାଯାଏ। ଏତଦ୍‌ବ୍ୟତୀତ ବିଭିନ୍ନ ଜାତୀୟ / ଆନ୍ତର୍ଜାତୀୟ କର୍ମଶାଳା ସଂପାନର ଆୟୋଜନ ଓ ଏଥିରେ ଅଂଶଗ୍ରହଣ ପାଇଁ ଆମନ୍ତ୍ରଣ ଉଦ୍ଦେଶ୍ୟରେ ଲିଖିତ ପତ୍ରକୁ ମଧ୍ୟ ନିମନ୍ତ୍ରଣ ପତ୍ର କୁହାଯାଏ। ବିବାହ, ବ୍ରତ, ପୂଜାପାର୍ବଣ, ସଂପର୍କିତ ନିମନ୍ତ୍ରଣ ପତ୍ର ଆରମ୍ଭରେ ମଙ୍ଗଳା ଚରଣ ରୂପେ ଶ୍ଳୋକ, ସମ୍ବୋଧନ, ଉତ୍ସବର ଲକ୍ଷ୍ୟ, ସ୍ୱାଗତ, ପତ୍ର ପ୍ରେରକର ସ୍ୱାକ୍ଷର, ସ୍ଥାନ, ଦିନାଙ୍କ ଏବଂ କାର୍ଯ୍ୟ ସୂଚୀ ସ୍ଥାନ ପାଇଥାଏ। ସେହି ପରି କର୍ମଶାଳା ସଂପାଦନରେ ଅଂଶଗ୍ରହଣ ନିମନ୍ତେ ଆୟୋଜିତ ସଂପାନର ବିଷୟବସ୍ତୁ, ଉଦ୍ଘାଟନ, ବିଭିନ୍ନ ଅଧିବେଶନ ରେ ଅଂଶ ଗ୍ରହଣକାରୀଙ୍କ ନାମ ଓ ନିର୍ଦ୍ଦେଶିତ ବିଷୟ ବସ୍ତୁର ନାମ ଉଦ୍‌ଯାପନୀ ସମାରୋହ ସଂପର୍କରେ ପୁଙ୍ଖାନୁପୁଙ୍ଖ ବିବରଣୀ ସ୍ଥାନ ପାଇଥାଏ। ଏହିସବୁ ପତ୍ର ସମୂହରେ ଯଥାସମ୍ଭବ ସରଳ, ପୁଙ୍ଖାନୁପୁଙ୍ଖ ତଥା କଳାତ୍ମକ ଅଭିବ୍ୟକ୍ତି ପ୍ରଦର୍ଶିତ ହୋଇଥାଏ। ନିମନ୍ତ୍ରଣ ପତ୍ର ସର୍ବଦା ଭଦ୍ରତା, ବନ୍ଧୁତା ଓ ଉତ୍ତମ ସଂପର୍କ ସ୍ଥାପନରେ ସାହାଯ୍ୟ କରେ, ତେଣୁ ଏହି ପତ୍ରଟି ଅନୁରୋଧ ମୂଳକ ହେବା ସହିତ ନମ୍ରତା ଓ ଆନ୍ତରିକତା ପୂର୍ଣ୍ଣ ହୋଇଥାଏ।

## ୨.୧ ବିଭାଘର, ବ୍ରତଘର ଓ ଅନ୍ୟାନ୍ୟ ଔପଚାରିକ ପତ୍ରର ନମୁନା

### (କ) ଲକ୍ଷ୍ମୀପୁର ସାହିତ୍ୟ ପରିଷଦ, ଲକ୍ଷ୍ମୀପୁର କୋରାପୁଟ

**ନିମନ୍ତ୍ରଣ**

ମହାଶୟ / ମହାଶୟା,

ଆଗାମୀ ତା୧୮.୨.୨୦୧୫ ରିଖ ମଙ୍ଗଳବାର ଦିନ ଲକ୍ଷ୍ମୀପୁର ସାହିତ୍ୟ ପରିଷଦ, ଲକ୍ଷ୍ମୀପୁର ତାର ବାର୍ଷିକ ଉତ୍ସବ ନିମ୍ନ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ପାଳନ କରିବାକୁ ଯାଉଛି।

ଅନୁରୋଧ, ଉକ୍ତ ଉତ୍ସବରେ ଯୋଗଦେଇ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ଆମ୍ଭମାନଙ୍କୁ ଉତ୍ସାହିତ କରିବା ହେବେ ।

ଆପଣଙ୍କର ସଦୟ ଉପସ୍ଥିତି ଏକାନ୍ତ କାମ୍ୟ

ଆପଣଙ୍କ ଅପେକ୍ଷାରେ

ଡଃ ଅଭିରାମ ମହାପାତ୍ର — ଡଃ କୃଷ୍ଣଚନ୍ଦ୍ର ସାହୁ

ସଭାପତି — ସଂପାଦକ

କାର୍ଯ୍ୟସୂଚୀ ;

ତାରିଖ : ୧୮.୨.୨୦୧୫ (ମଙ୍ଗଳବାର)

ସ୍ଥାନ : କମ୍ୟୁନିଟି ସେଣ୍ଟର

ସମୟ : ଦିବା ୧୦ ଘଟିକା

ପ୍ରଥମ ଅଧିବେଶନ

ଆଲୋଚନା : ଉପାନ୍ତଅଞ୍ଚଳରେ ଓଡ଼ିଆ ଭାଷାର ସ୍ଥିତି

ସ୍ୱାଗତ : ଡଃ. କୃଷ୍ଣ ଚନ୍ଦ୍ର ସାହୁ

(ସଂପାଦକ, ଲକ୍ଷ୍ମୀପୁର ସାହିତ୍ୟ ପରିଷଦ)

ସଭାପତି : ଡଃ ଅଭିରାମ ମହାପାତ୍ର

(ସଭାପତି, ଲକ୍ଷ୍ମୀପୁର ସାହିତ୍ୟ ପରିଷଦ)

ମୁଖ୍ୟ ଅତିଥି : ଶ୍ରୀ ଯୁଧିଷ୍ଠିର ପୃଷ୍ଟି

(ଅଧକ୍ଷ, କଲ୍ୟାଣୀରାୟ ମହାବିଦ୍ୟାଳୟ)

ସମ୍ମାନିତ ଅତିଥି : ଡଃ ଆଶୁତୋଷ ଷଡଙ୍ଗୀ

(ଅବସର ପ୍ରାପ୍ତ, ଦର୍ଶନ ଶାସ୍ତ୍ର ପ୍ରାଧ୍ୟାପକ)

ମୁଖ୍ୟବକ୍ତା : ଡଃ ଭାବଗ୍ରାହୀ ମିଶ୍ର

(ବିଶିଷ୍ଟ ସାହିତ୍ୟିକ, କେନ୍ଦ୍ର ସାହିତ୍ୟ ଆକାଡେମୀ ପୁରସ୍କାର ପ୍ରାପ୍ତ)

ସାହିତ୍ୟ ପରିଷଦର ମୁଖପତ୍ର 'ଉପାନ୍ତିକା' ଉନ୍ମୋଚନ

ସମ୍ମାନିତ ପ୍ରତିଭା : ଡଃ କୃପାସିନ୍ଧୁ ଦାଶ

ଡଃ ହରିହର ମହାନ୍ତି

ଧନ୍ୟବାଦ ଅର୍ପଣ : ଶ୍ରୀ ନବଘନ ଖୁଣ୍ଟିଆ

ଦ୍ୱିତୀୟ ଅଧିବେଶନ : କବିତା ପାଠୋତ୍ସବ

ସଭାପତି : ଡଃ ବିରଜା ମହାପାତ୍ର

ସଂଯୋଜକ : ଶ୍ରୀ ଅମୂଲ୍ୟ ନାୟକ

କୁମାରୀ ଦେବସ୍ମିତା ଦାସ

**(ଖ) ମ୍ୟୁଜିକ ସର୍କଲ, ରାଉରକେଲାର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସର୍ବଭାରତୀୟ ଆଦିବାସୀ ଆଲୋଚନା ଚକ୍ର କର୍ମଶାଳା ଓ ସାଂସ୍କୃତିକ ବିଚିତ୍ରା**

ମହାଶୟା / ମହାଶୟ,

ଚଳିତ ମାସ ୧୦/୯/୨୦୧୪ (ଶନିବାର) ତଥା ୧୧.୯.୨୦୧୪ (ରବିବାର) ସକାଳ ୧୦.୩୦ ଘଟିକା ସମୟରେ ମ୍ୟୁଜିକ ସର୍କଲ ପରିସର ମେହେର ଭବନଠାରେ ଅନୁଷ୍ଠାନର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷରେ ଏକ ସର୍ବଭାରତୀୟ ଆଦିବାସୀ ଆଲୋଚନା ଚକ୍ର, କର୍ମଶାଳା ଓ ସଂସ୍କୃତିକ ବିଚିତ୍ରାର ଆୟୋଜନ କରାଯାଇଛି । ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆପଣଙ୍କ ସଶ୍ରଦ୍ଧ ଉପସ୍ଥିତି କାମନା କରୁଛି ।

ଶ୍ରୀ ଚନ୍ଦ୍ରମଣି ସେନାପତି
ସଭାପତି, ମ୍ୟୁଜିକ ସର୍କଲ
ଅଧ୍ୟକ୍ଷ,ଆର.ଡି.ଏ

ଶ୍ରୀ ସମରେନ୍ଦ୍ର ମହାନ୍ତି
କାର୍ଯ୍ୟକାରି ସଭାପତି

ଶ୍ରୀମତି ପ୍ରମିଳା ଗୁରୁ
ସାଧାରଣ ସଂପାଦିକା

ଏବଂ ସମସ୍ତ ସଭ୍ୟ / ସଭ୍ୟା ବୃନ୍ଦ

## କାର୍ଯ୍ୟସୂଚୀ

୧୦.୯.୨୦୧୪ (ଶନିବାର)

ସକାଳ ୧୦.୩୦, ଉଦ୍‌ଘାଟନୀ ସମାରୋହ

ଉଦ୍‌ଘାଟକ, ମୁଖ୍ୟ ଅତିଥି

ପଦ୍ମଶ୍ରୀ ଶୁଭେନ୍ଦୁ ବାର୍ଲା

ମାନ୍ୟବର ରାଜ୍ୟସଭା ସାଂସଦ

ସମ୍ମାନିତ ଅତିଥି : ଶ୍ରୀ ସର୍ବେଶ୍ୱର ପ୍ରଧାନ
ଉପଜିଲ୍ଲାପାଳ, ପାନପୋଷ
ଶ୍ରୀ ନିରୋଜ ଚନ୍ଦ୍ର ପାଇକ୍‌ରାୟ
ପରିଯୋଜନା ପ୍ରଶାସକ,
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା
ସୁନ୍ଦରଗଡ଼ ।

ବିଶିଷ୍ଟ ଅତିଥି : ପ୍ରଫେସର ଗଗନେନ୍ଦ୍ର ନାଥ ରଥ ।

ଭିତ୍ତିପ୍ରବନ୍ଧ ଉପସ୍ଥାପନା : ପ୍ରଫେସର କୁମୁଦିନୀ ମିଶ୍ର

ବିଷୟ ବସ୍ତୁ : ଆଦିବାସୀ ସଂସ୍କୃତି ଓ ଓଡ଼ିଆ ସାହିତ୍ୟ
ଇତିହାସର ନବ୍ୟ ସଂରଚନା ।

ପ୍ରଥମ ଅଧିବେଶନ

ସମୟ ୧୨.୩୦ ରୁ ଦିବା ୨ ଘଟିକା

ବିଷୟବସ୍ତୁ : ଆଦିବାସୀ ଅସ୍ମିତା ଓ ଓଡ଼ିଶା

ସଭାପତି : ଡଃ ସୁମିତ୍ରା ବଡ଼ାଇକ, ଜେ.ଏନ୍.ୟୁ

ପ୍ରବନ୍ଧ ଉପସ୍ଥାପନା : ଡଃ ସୁବୋଧ ଲାକ୍ରା, କୋଲକାତା

ଡଃ ଲାଖାଇ ତୁଙ୍ଗତୁଙ୍ଗ, ଟାଟାନଗର

ମଧ୍ୟାହ୍ନ ବିରତି

ଦ୍ୱିତୀୟ ଅଧିବେଶନ

ସମୟ ୨.୩୦ ରୁ ଅପରାହ୍ନ ୪ ଘଟିକା

ବିଷୟବସ୍ତୁ : ପ୍ରାଚୀନ ପ୍ରତିବାଦୀ ଓଡିଆ ସାହିତ୍ୟରେ ଜନଜାତିଙ୍କ ସ୍ୱରୂପ ।

ସଭାପତି : ଡଃ ନିଖିଳାନନ୍ଦ ମିଶ୍ର, ଛତିଶଗଡ଼

ପ୍ରବନ୍ଧ ଉପସ୍ଥାପନା : ଡଃ ଗୌରବ ମହାନ୍ତି

ଢେଙ୍କାନାଳ

ସଂାସ୍କୃତିକ ବିଚିତ୍ରା (ସଂଧ୍ୟା ୫ରୁ ରାତି ୭:୩୦ ଘଟିକା)

୧୧/୯/୨୦୧୪ (ରବିବାର)

ସମୟ ୧୦.୩୦ ରୁ ୧୧.୩୦

ଉଦ୍‌ଘାଟକ, ମୁଖ୍ୟଅତିଥି

ଶ୍ରୀ ବଳରାମ ଓରାମ

ମାନ୍ୟବର କେନ୍ଦ୍ରମନ୍ତ୍ରୀ , ଆଦିବାସୀ ବ୍ୟାପାର, ଭାରତସରକାର ।

ସମ୍ମାନୀତ ଅତିଥି : ଶ୍ରୀ ନବୀନ କୁମାର ରାଉତରାୟ

ମହାପ୍ରବନ୍ଧକ , ରାଉରକେଲା ଇସ୍ପାତ କାରଖାନା ।

ସାହିତ୍ୟ ପତ୍ରିକାର ଶୁଭଉନ୍ମୋଚନ

ତୃତୀୟ ଅଧିବେଶନ : ସମୟ ୧୧.୩୦ ରୁ ୧.୩୦

ବିଷୟବସ୍ତୁ : ଜନଜାତିଙ୍କ ନବ୍ୟ ଇତିହାସ ସଂରଚନା

ସଭାପତି : ଡଃ ଅଭିଶେଖର ବିଶ୍ୱାଳ

ପ୍ରବନ୍ଧ ଉପସ୍ଥାପନା : ଡଃ ପ୍ରମୋଦ ମଲ୍ଲିକ, ରାଉଲକେଲା

ଶ୍ରୀ ଶୁଭେନ୍ଦୁ ମିଶ୍ର, ନୂଆପଡ଼ା

ଚତୁର୍ଥ ଅଧିବେଶନ : ସମୟ ୧.୩୦ ରୁ ୨.୩୦

ବିଷୟ ବସ୍ତୁ : ଅପହୃତ ଆଦିବାସୀ ସଂସ୍କୃତି : ଓଡିଆ ସାହିତ୍ୟରେ ତାର ପ୍ରଭାବ ଓ ପ୍ରତିକ୍ରିୟା

ସଭାପତି : ଡଃ ଜଗନ୍ନାଥ ପ୍ରସାଦ ବରାଳ

ପ୍ରବନ୍ଧ ଉପସ୍ଥାପନା : ଡଃ ଜଗନ୍ମୋହନ ରାୟ , ଭୁବନେଶ୍ୱର

ଡଃ ଅରୂପ ବେହେରା , କୋରାପୁଟ

ଡଃ ସୀମା ଲୁଗନ, ମାଲକାନାଗିରି

ଶେଷ ପର୍ବ : କର୍ମଶାଳା, ସମୟ ୪ରୁ ୭ଘଟିକା ଅଂଶ ଗ୍ରହଣ କରିବେ

ଡଃ ବୈରାଗୀ ପ୍ରଧାନ, ଡଃ ବିମଳ ଖେସ୍

ଡଃ ସୁସ୍ମିତା ଲୁଗୁନ, ଡଃ ସିଲଭରଷ୍ଟାର ମହାତୋ , ଡଃ କୁମାର କେରକେଟା

ସାଂସ୍କୃତିକ ବିଚିତ୍ରା - ସଂଧ୍ୟା ୬ରୁ ରାତ୍ର ୭.୩୦

ଆଦିବାସୀ ନୃତ୍ୟ ଓ ସଂଗୀତ ପରିବେଷଣ ସହାୟତା

ଜିଲ୍ଲା ପ୍ରଶାସକ, ସୁନ୍ଦରଗଡ଼

ଦୁଇ ଦିବସ ବ୍ୟାପୀ

ଆଦିବାସୀ ଚିତ୍ରକଳା ପ୍ରଦର୍ଶନୀ

ପରିବେଷଣ

କଳାମଞ୍ଚ, ସୁନ୍ଦରଗଡ଼ ।

(ଗ) ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପ୍ରାୟୋଜିତ ଜାତୀୟ ସଂପାନ

ବିଷୟବସ୍ତୁ : ସାଂସ୍କୃତିକ ପରିବର୍ତ୍ତନ : ଓଡିଶାର ଲୀଳାନାଟକ ପରମ୍ପରା

ତାରିଖ : ୧୫/୧୬ ଅଗଷ୍ଟ ୨୦୧୪

ସ୍ଥାନ : ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ, ଅନୁଗୋଳ

ସମ୍ମାନାସ୍ପଦେଷୁ ,

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ, ନୂଆ ଦିଲ୍ଲୀ, ଆନୁକୂଲ୍ୟରେ ପ୍ରାୟୋଜିତ ଜାତୀୟ ସଂପାନରେ ଅଂଶଗ୍ରହଣ ପାଇଁ ଆପଣଙ୍କୁ ସଶ୍ରଦ୍ଧ ଅନୁରୋଧ ।

ଶ୍ରୀମତି କମଳା ଦାଶ

କାର୍ଯ୍ୟସୂଚୀ :

୧୫ ଅଗଷ୍ଟ ୨୦୧୪

ଉଦ୍‌ଘାଟନ ଅଧିବେଶନ : ପୂର୍ବାହ୍ନ : ୧୦.୦୦- ୧୧.୧୫

ଅଧ୍ୟକ୍ଷ : ଶ୍ରୀ ନିଖିଳେଶ ପାତ୍ର

ସଭାପତି, ମହାବିଦ୍ୟାଳୟ ପରିଚାଳନା ସମିତି ।

ସ୍ୱାଗତ ସମ୍ଭାଷଣ ଓ ସଂପାନସୂଚନା : ଶ୍ରୀମତୀ କମଳା ଦାଶ

ଉଦ୍‌ଘାଟକ : ପ୍ରଫେସର ବଳରାମ ସେନାପତି,

କୁଳପତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ।

ସମ୍ମାନିତ ଅତିଥି : ଡଃ ଦେବୀପ୍ରସନ୍ନ ପଟ୍ଟନାୟକ

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,

ସଂସ୍କୃତି ବିଭାଗ, ଓଡିଶା ସରକାର ।

ଭାବବକ୍ତବ୍ୟ ଉପସ୍ଥାପକ : ପ୍ରଫେସର ଚିନ୍ମୟ ମହାପାତ୍ର

ବିଭାଗୀୟ ମୁଖ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ ।

ଧନ୍ୟବାଦ ପ୍ରସ୍ତାବ : ସୁରେନ୍ଦ୍ରନାଥ ଶତପଥୀ ।

ପ୍ରଥମ ସତ୍ର :

ଲୀଳା ତତ୍ତ୍ୱ ପରିଚର୍ଚ୍ଚା : ସମୟ : ୧୧.୩୦ -୧.୩୦

ଅଧ୍ୟକ୍ଷ : ପ୍ରଫେସର ମନୋରଂଜନ ମିଶ୍ର,

ଓଡ଼ିଆ ବିଭାଗ,

ବିଶ୍ୱଭାରତୀ, ଶାନ୍ତିନିକେତନ।

ଭିତ୍ତିପ୍ରବନ୍ଧ ଉପସ୍ଥାପକ :

ସଂସ୍କୃତି : ସର୍ଜନ ଓ ପରିବର୍ତ୍ତନ : ଶ୍ରୀ ରଘୁନାଥ ଚାଟାର୍ଜୀ,

ସ୍ତମ୍ଭକାର, ଓ ଗବେଷକ, ଅନୁଗୋଳ

ଲୌକିକ ଓ ଶାସ୍ତ୍ର : ଶ୍ରୀ ଶୈଳଜ ମହାନ୍ତି,

ସାହିତ୍ୟ ସମୀକ୍ଷକ, କଟକ

ଲୀଳା ଓ ନାରୀ : ଡଃ ଭାଗୀରଥୀ ମହାନ୍ତି,

ଅଧ୍ୟକ୍ଷ, ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର

ଦ୍ୱିତୀୟ ସତ୍ର :

ରାମ, ଶିବ, ନୃସିଂହ ଓ ଶକ୍ତିଲୀଳା ସମୟ: ୨.୩୦ – ୪.୩୦

ଅଧ୍ୟକ୍ଷ : ପ୍ରଫେସର ସବିତା ସ୍ୱାଇଁ, ଓଡ଼ିଆ ବିଭାଗ, ଶାନ୍ତିନିକେତନ

ଭିତ୍ତିପ୍ରବନ୍ଧ ଉପସ୍ଥାପକ :

ଦଣ୍ଡନାଟ : ଡଃ କୈଳାସ ରାଉତ, ଅଧ୍ୟାପକ

ବିରଜା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା।

ପ୍ରହଲ୍ଲାଦ ନାଟକ : ଡଃ ଉମାକାନ୍ତ ଦାସ,

ନିର୍ଦ୍ଦେଶକ, ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର

ରାମଲୀଳା : ଡଃ ଫଣିନ୍ଦ୍ର ଭୂଷଣ ନାୟକ,

କବି ସମାଲୋଚକ, ଭୁବନେଶ୍ୱର।

ସଂଧ୍ୟା : ୬.୩୦ : ପାରଂପରିକ ରାବଣଛାୟା ପ୍ରଦର୍ଶନ

୧୬/୮/ ୨୦୧୪

ତୃତୀୟ ସତ୍ର :

କୃଷ୍ଣଲୀଳା : ସମୟ : ୯.୦୦-୧୧.୦୦

ଅଧ୍ୟକ୍ଷ : ଡଃ ଗୌରହରି ଦାଶ,

ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

ରାସଲୀଳା : ଡଃ ପ୍ରଦ୍ୟୁମ୍ନ ପଣ୍ଡା,

ମୁଖ୍ୟ, ଓଡିଆ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ରାଧାପ୍ରେମଲୀଳା : ଡଃ ପ୍ରଫୁଲ୍ଲ କୁମାର ଜେନା , ଗବେଷକ, ଗଂଜାମ

ଧନୁଯାତ୍ରା : ପ୍ରଫେସର କୃପାସିନ୍ଧୁ ନାୟକ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ

ଭାରତ ଲୀଳା : ଶ୍ରୀ ମନ୍ମଥ ପଟ୍ଟନାୟକ,

ନାଟ୍ୟକାର ଓ କଳାସମୀକ୍ଷକ, କଟକ

ଚତୁର୍ଥ ସତ୍ର :

ଲୀଳାନାଟକ : ସର୍ବଭାରତୀୟ ପ୍ରେକ୍ଷାପଟ୍ଟ

ଅଧ୍ୟକ୍ଷ୍ୟ : ଡଃ ଶ୍ରୀଚରଣ ବିଶ୍ୱାଳ,

କବି ଓ ଗବେଷକ, ଭୁବନେଶ୍ୱର

ଭିତ୍ତିପ୍ରବନ୍ଧ ଉପସ୍ଥାପକ :

ପାଲା : ଡଃ ମଥୁରା ନାଥ ମିଶ୍ର ,

ପ୍ରାଧ୍ୟାପକ, ଓଡିଆ ବିଭାଗ, ଜି.ଏମ୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

ପାରଂପରିକ ଲୀଳାନାଟକ : ଡଃ ନଗେନ୍ଦ୍ର ନାଥ ସାହୁ, ଅଧ୍ୟାପକ

ଓଡିଆ ବିଭାଗ, ବିଶ୍ରା

ଉଦ୍‌ଯାପନ ଅଧିବେଶନ : ୨.୦୦ - ୩.୩୦

ଅଧ୍ୟକ୍ଷ : ପ୍ରଫେସର ଦେବେନ୍ଦ୍ର କୁମାର ମିଶ୍ର ,

ଗବେଷକ ଓ ପ୍ରାବନ୍ଧିକ, ଭୁବନେଶ୍ୱର

ସମାବର୍ତ୍ତନ ଅଭିଭାଷଣ : ପ୍ରଫେସର ବୃନ୍ଦାବନ ମିଶ୍ର,

ପ୍ରାକ୍ତନ ମୁଖ୍ୟ, ଓଡିଆ ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସଂପାନ ସାର : ଡଃ ବିଜୟା ମଲ୍ଲିକ,

ଓଡିଆ ବିଭାଗ, ମ୍ୟୁନିସ୍‌ପାଲ ମହାବିଦ୍ୟାଳୟ ରାଉରକେଲା

ଡଃ ରଂଜିତ କୁମାର ସାହୁ ,

ଓଡିଆ ବଭାଗ, ଖଡ଼ିଆଡ ମହାବିଦ୍ୟାଳୟ, ନୂଆପଡ଼ା

ଧନ୍ୟବାଦ ପ୍ରସ୍ତାବ : ଡଃ ସରୋଜ ପଟ୍ଟନାୟକ

## ବିବାହ ନିମନ୍ତ୍ରଣ ପତ୍ର

(କ) ଶୁଭ ବିବାହ

ତା୧୫.୩.୨୦୧୭

ଦିବ୍ୟଜ୍ୟୋତି

ସହିତ

ଅରୋସ୍ମିତା

ପ୍ରାପ୍ତେଷୁ

ଶ୍ରୀମତୀ /ଶ୍ରୀ ......................................

ପ୍ରେରକ :

ଶ୍ରୀମତୀ ଅନୁରାଧା ଧଳ

ଶ୍ରୀଯୁକ୍ତ ବୈକୁଣ୍ଠ ଧଳ
ଘର ନଂ - ଜି -୫୦ , ସେକ୍ଟର -୧୭
ରାଉରକେଲା , ଓଡିଶା

|| ଓଁ ଶ୍ରୀ ଶ୍ରୀ ଗଣେଶାୟ ନମଃ ||

ବକ୍ରତୁଣ୍ଡ ମହାକାୟ , ସୂର୍ଯ୍ୟକୋଟି ସମପ୍ରଭଃ ।
ନିର୍ବିଘ୍ନଂ କୁରୁମେ ଦେବ, ସର୍ବ କାର୍ଯ୍ୟେଷୁ ସର୍ବଦା ।।

**କାର୍ଯ୍ୟସୂଚୀ**

ତା୧୩.୩.୨୦୧୭ (ଶନିବାର)
ମଙ୍ଗଳକୃତ୍ୟ ଏବଂ ବ୍ରତୋପନୟନ
ତା ୧୪.୩.୨୦୧୭(ରବିବାର)
ବରାନୁଗମନ - ସଂଧ୍ୟା ୮ ଘଟିକା

ବିବାହ ଓ ପାଣିଗ୍ରହଣ (ମଧ୍ୟରାତ୍ର)
୧୮.୩.୨୦୧୭(ବୁଧବାର)
ପ୍ରୀତି ଭୋଜନ
ସଂଧ୍ୟା ୭.୩୦ ଘଟିକା ଠାରୁ

ଆପଣଙ୍କର ଦର୍ଶନାଭିଳାଷୀ
ଅନୁରାଧା ଧଳ
ବୈକୁଣ୍ଠ ଧଳ
ଏବଂ ଧଳ ପରିବାର ବର୍ଗ

ସ୍ଥାନ
ରାଉଲକେଲା କ୍ଲବ
ସେକ୍ଟର -୨୦
ରାଉଲକେଲା

**(ଖ)** **|| ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ ||**

ମଙ୍ଗଳମ୍ ଭଗବାନ ବିଷ୍ଣୁ ମଙ୍ଗଳମ୍ ଗରୁଡଧ୍ୱଜ ।
ମଙ୍ଗଳମ୍ ପୁଣ୍ଡରୀକାକ୍ଷ ମଙ୍ଗଳାୟ ତନ୍ମୋହରିଃ ।।

ମହାଶୟ / ମହାଶୟା,

ଆସନ୍ତା ଫାଲ୍‌ଗୁନ ମାସ ନବମୀ ତିଥି ଇଂରାଜୀ ତା ୧୫.୩.୨୦୧୭ ରିଖ (ରବିବାର) ଦିନ ଆରମ୍ଭ କନିଷ୍ଠ ପୁତ୍ର ଆୟୁଷ୍ମାନ

ଦିବ୍ୟଜ୍ୟୋତି (କୁନୁ) ର

ଶୁଭପରିଣୟ

ଆୟୁଷ୍ମତୀ ଅରୋସ୍ମିତା

(ଗ୍ରାମ - ନଟିଲୋ, ପୋ - ଆରିପଦା ., ଜିଲ୍ଲା - କେନ୍ଦ୍ରାପଡ଼ା ଏବଂ ବର୍ତ୍ତମାନ ଘର ନଂ - ଜିଏମ୍ - ୧୩୦ , ବାସନ୍ତୀ କଲୋନୀ , ରାଉଲକେଲା, ନିବାସୀ ଶ୍ରୀମତୀ ଜୟନ୍ତି ଧଳ ଏବଂ ଶ୍ରୀଯୁକ୍ତ ଦିଲ୍ଲୀପ ଧଳଙ୍କ ମଧ୍ୟମା କନ୍ୟା) ସହିତ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ତାଙ୍କ ବାସଭବନ ଠାରେ ଅନୁଷ୍ଠିତ ହେବ। ଏଣୁ ସବିନୟ ଅନୁରୋଧ ଆପଣଙ୍କ ସପରିବାର ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇ ନବଦମ୍ପତିଙ୍କୁ ଶୁଭ ଆଶୀର୍ବାଦ ପ୍ରଦାନ କରିବା ହେବେ। ପତ୍ର ଜନିତ ତ୍ରୁଟି ମାର୍ଜନା କରିବା ହେବେ।

ଗ୍ରାମ - ଚାଉଳିଆ ବାମରା
ପୋ - ବାମରା
ଜିଲ୍ଲା - ଜଗତସିଂହ ପୁର
ବର୍ତ୍ତମାନ ଠିକଣା
ଘର ନଂ ବି - ୨୧୦
ସେକ୍ଟର -୧୭
ରାଉରକେଲା (ଓଡିଶା)
ମୋବାଇଲ ନମ୍ବର - ୮୮୬୫୭୬୫୩୧୨

ବିନୀତ
ଶ୍ରୀମତି ଅନୁରାଧା ଧଳ
ଶ୍ରୀଯୁକ୍ତ ବୈକୁଣ୍ଠ ଧଳ

(ଗ) ବ୍ରତୋପନୟନ

ପ୍ରାପ୍ତେଷୁ ,

ଶ୍ରୀମତୀ / ଶ୍ରୀ ..................................... ।

ପ୍ରେରକ,

ଶ୍ରୀମତୀ / ଶ୍ରୀ ଆର୍ତ୍ତତ୍ରାଣ ମହାପାତ୍ର, ଘର ନଂ - ଇ -୭, ସେକ୍ଟର - ୧୮ ବିଡାନାସୀ, କଟକ , ମୋବାଇଲ୍ ନଂ - ୭୭୦୦୩୬୫୭୮୨ ।

ଓଁଶ୍ରୀ ପ୍ରଜାପତୟେ ନମଃ

ଓଁଶ୍ରୀ ବ୍ରତେନ ଦୀକ୍ଷାମାପ୍ନୋତି ଦୀକ୍ଷୟାପ୍ନୋତି ଦକ୍ଷିଣା । ଦକ୍ଷିଣାଇ ଶ୍ରଦ୍ଧାମାପ୍ନୋତି ଶ୍ରଦ୍ଧୟା ସତ୍ୟମାପ୍ୟତେ ।।

(ଯଜୁଃ , ୧୯ / ୩୦)

ମହାଶୟା / ମହାଶୟ ,

ଆଗାମୀ ଫାଲଗୁନ ଶୁକ୍ଳ ଏକାଦଶୀ, ତଦନୁସାରେ ଇଂରାଜୀ ତା ୨୩.୩.୧୩ ରିଖ ଶନିବାର ଦିନ ଆମ୍ଭର ପୁତ୍ର ଆୟୁଷ୍ମାନ ଉମାକାନ୍ତର ( ଶ୍ରୀମତୀ ଶୈଳୀବାଳା ଏବଂ ଶ୍ରୀ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଜ୍ୟେଷ୍ଠପୁତ୍ର) ବ୍ରତୋପନୟନ ଅନୁଷ୍ଠିତ ହେବ । ଅତଃ ବିନୀତ ଅନୁରୋଧ କରୁ ଯେ ଆପଣ ସପରିବାର ଉକ୍ତ ଶୁଭ ବ୍ରତୋପନୟନ କର୍ମରେ ଯଥା କାର୍ଯ୍ୟକ୍ରମାନୁସାରେ ଉପସ୍ଥିତ ରହି ବ୍ରହ୍ମଚାରୀଙ୍କୁ ଶୁଭଶୀଷ ପ୍ରଦାନ ପୂର୍ବକ ଆମ୍ଭଙ୍କୁ ଅନୁଗୃହୀତ କରିବା ହେବେ ।

।। ଇତ୍ୟୋମ୍ ଶମ୍ ।।

ଶ୍ରୀମତୀ ନନ୍ଦିନୀ ମହାପାତ୍ର

ଶ୍ରୀଯୁକ୍ତ ରଙ୍ଗନାଥ ମହାପାତ୍ର

<u>କାର୍ଯ୍ୟସୂଚୀ</u>

ତା ୨୩.୩.୨୦୧୩(ଶନିବାର)

ଯଜ୍ଞୋପବୀତ ଧାରଣ - ଦିବା ୯.୦୦ ଘଟିକା

ବ୍ରତ ଭିକ୍ଷା ଓ ଆଶୀର୍ବାଦ - ଦିବା ୧୧.୦୦ ଘଟିକା

ପ୍ରୀତି ଭୋଜନ - ଦିବା ୧୨.୦୦ ଘଟିକା

ସ୍ଥାନ -ଆର୍ଯ୍ୟସମାଜ - କଟକ

ଦର୍ଶନାଭିଳାଷୀ : ସମସ୍ତ ମହାପାତ୍ର ପରିବାର

(ଗ) **ଗଣେଶ ପୂଜା ନିମନ୍ତ୍ରଣ ପତ୍ର**

ଓଁ ଶ୍ରୀ ଶ୍ରୀ ଗଣେଶାୟ ନମଃ

ବନ୍ଦେ ବନ୍ଦାରୁ ମନ୍ଦାର ଇନ୍ଦୁଭୂଷଣନନ୍ଦନଂ

ଅମରାନନ୍ଦ ସନ୍ଦୋହବନ୍ଧୁରଂ ସିନ୍ଦୁରାନନମ୍

ମହାଶୟା / ମହାଶୟ ,

ଆଗାମୀ ଭାଦ୍ର ଶୁକ୍ଳ ଚତୁର୍ଥୀ ତା ୧୦.୯.୨୦୧୬ ରିଖ ମଙ୍ଗଳବାର ଦିନ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗରେ ଶ୍ରୀ ଶ୍ରୀ ଗଣପତିଙ୍କର ପୂଜା ମହୋତ୍ସୋବ ମହାଆଡ଼ମ୍ବରରେ ସମାହିତ ହେବ ।

ଆପଣଙ୍କର ସାଦର ଉପସ୍ଥିତି ଏକାନ୍ତ କାମ୍ୟ

ପ୍ରଣତ

ଛାତ୍ରଛାତ୍ରୀ

ଓଡ଼ିଆ ବିଭାଗ

ବାଣୀବିହାର

ତା ୦୯/ ୦୯/୨୦୧୬

<u>କାର୍ଯ୍ୟକ୍ରମ</u>

ଦିବା ୧୦ ଘଟିକା- ପୂଜାରମ୍ଭ

ଦିବା୧୨ ଘଟିକା - ପୁଷ୍ପାଞ୍ଜଳୀ ସମର୍ପଣ

ଦିବା ୧ ଘଟିକା - ମନୋରଂଜନ କାର୍ଯ୍ୟକ୍ରମ

ଦିବା ୨ ଘଟିକା - ପ୍ରସାଦ ସେବନ

## ସରସ୍ୱତୀ ପୂଜା ନିମନ୍ତ୍ରଣ ପତ୍ର

(ଘ)

ଓଁ ଶ୍ରୀ ଶ୍ରୀ ସରସ୍ୱତ୍ୟୈ ନମଃ

ହଂସରୂଢା ଦରହସିତହାରେନ୍ଦୁ କୁନ୍ଦାର ଦାତା

ବାଣୀ ମନ୍ଦସ୍ମିତତରମୁଖୀ ମୌଳି ବଦ୍ଧେନ୍ଦୁ ଲେଖା

ବିଦ୍ୟାବୀଣା ମୃତମୟ ଘଟାକ୍ଷ ସ୍ରଜାଦୀପ୍ତ ହସ୍ତା

ଶ୍ୱେତାବ୍‌ଜାସ୍ଥା ଭବଦଭିମିତ ପ୍ରାପ୍ତଚୟ ବାରତୀସ୍ୟାତ୍ ।

ମହାଶୟା / ମହାଶୟ ,

ଚଳିତମାଘ ଶୁକ୍ଳ ପଞ୍ଚମୀ ତା ୧୭.୨.୨୦୧୭ ରିଖ ଗୁରୁବାର ଦିନ ବି.ଜେ.ବି. ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ଶ୍ରୀ ଶ୍ରୀ ସରସ୍ୱତୀ ଦେବୀଙ୍କର ପୂଜା ଅନୁଷ୍ଠିତ ହେବ ।

ଏଣୁ ଅନୁରୋଧ, ଆପଣ ଉକ୍ତ ଉତ୍ସବରେ ସଦୟ ଯୋଗଦାନ କରି ଆମ୍ଭମାନଙ୍କୁ ଆପ୍ୟାୟିତ କରିବା ହେବେ ।

॥ ଇତି ॥

ପ୍ରଣତ

ଛାତ୍ରଛାତ୍ରୀବୃନ୍ଦ

ବି.ଜେ.ବି ସ୍ୱଂୟ ଶାସିତ ମହାବିଦ୍ୟାଳୟ

ଅର୍ଥନୀତି ବିଭାଗ

ତା ୧୫.୨.୨୦୧୭

<u>କାର୍ଯ୍ୟକ୍ରମ</u>

ଦିବା ୧୦.୩୦ ଘଟିକା – ପୂଜାରମ୍ଭ

ଦିବା ୧୧.୩୦ ଘଟିକା – ପୁଷ୍ପାଞ୍ଜଳୀ ସମର୍ପଣ

ଦିବା ୧ ଘଟିକା – ପ୍ରସାଦ ସେବନ

## ଜିଲ୍ଲା ସ୍ତରୀୟ ପ୍ରାଣୀଧନ ମେଳା

## ସୁନ୍ଦରଗଡ଼ ୨୦୧୬ -୧୭

ପ୍ରାଣୀ ସଂପଦ ବିକାଶ ବିଭାଗ ଦ୍ୱରା ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ ତା ୧୮.୩.୨୦୧୭ ରିଖ ଓ ତା ୧୯ .୩.୨୦୧୭ ରିଖରେ ସୁନ୍ଦରଗଡ଼ ଜିଲ୍ଲାର ମନ୍‌କୋଠାରେ ପ୍ରାଣୀଧନ ମେଳା ଅନୁଷ୍ଠିତ ହେବକୁ ଯାଉଅଛି । ଏହି ମେଳାର ପ୍ରଥମ ଦିବସରେ ବୈଜ୍ଞାନିକ ଓ ଚାଷି ଭାଇମାନଙ୍କ ମଧ୍ୟରେ ବୈଷୟିକ ଜ୍ଞାନ କୌଶଳର ଆଦାନ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଅଛି । ଦ୍ୱିତୀୟ ଦିବସରେ ପ୍ରାଣୀଧନ ସଂପଦ ମେଳା ଯଥା - ଗାଇ, ଛେଳି, କୁକୁଡାମାନଙ୍କର ପ୍ରଦର୍ଶନୀ ତଥା ପ୍ରତିଯୋଗିତା ଅନୁଷ୍ଠିତ ହେବ ।

ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଆପଣମାନଙ୍କୁ ଜିଲ୍ଲା ପ୍ରାଣୀ ସଂପଦ ବିଭାଗ ତରଫରୁ ସାଦର ନିମନ୍ତ୍ରଣ କରାଯାଉଅଛି । ଏହି ମେଳାରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ଯୋଗଦାନ ପୂର୍ବକ ମେଳାକୁ ସାଫଲ୍ୟ ମଣ୍ଡିତ କରାଇବା ପାଇଁ ସବିନୟ ଅନୁରୋଧ ।

ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ

ସୁନ୍ଦରଗଡ଼

**କାର୍ଯ୍ୟସୂଚୀ**

**ତା ୧୮.୩.୨୦୧୭**

ବୈଜ୍ଞାନିକ ଓ ଚାଷୀମାନଙ୍କ ଜ୍ଞାନ କୌଶଳର ଆଦାନ ପ୍ରଦାନ - (ସକାଳ ୯ ଘଟିକାରୁ ୧୧ ଘଟିକା)

**ନିମନ୍ତ୍ରିତ ଅତିଥି** - ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ରବିନାରାୟଣ ପାଢୀ, ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ଼

ସମ୍ମାନୀତ ଅତିଥି - ଶ୍ରୀଯୁକ୍ତ ହରିହର ବେହେରା, ଉପଜିଲ୍ଲାପାଳ, ପାନପୋଷ

ମୁଖ୍ୟ ବକ୍ତା - ଡାକ୍ତର ଦୀନନାଥ ସାମଲ, ଉପନିର୍ଦ୍ଦେଶକ ପ୍ରାଣୀ ଚିକିତ୍ସା ବିଭାଗ

**ତା ୧୯.୩.୨୦୧୭**

(କ) ଗୋ ପ୍ରଦର୍ଶନୀ (ଖ) ଛେଳି ପ୍ରଦର୍ଶନୀ (ଗ) କୁକୁଡା ପ୍ରଦର୍ଶନୀ (ସକାଳ ୮ ଘଟିକାରୁ)

**ନିମନ୍ତ୍ରିତ ଅତିଥି** - ମୁଖ୍ୟ ଅତିଥି - ଶ୍ରୀମତୀ କଳ୍ପନା ଏକ୍କା, ଜିଲ୍ଲା ପରିଷଦ ଅଧ୍ୟକ୍ଷା

ସମ୍ମାନିତ ଅତିଥି - ଶ୍ରୀମତି ମନ୍ଦାକିନୀ ଓରାମ, ଅଧ୍ୟକ୍ଷା ବିଶ୍ରା ପଞ୍ଚାୟତ ସମିତି

ମୁଖ୍ୟ ବକ୍ତା - ଡଃ ପ୍ରଭାତ ମଲ୍ଲିକ, ଅଧ୍ୟକ୍ଷ, ଇସ୍ପାତ ମହାବିଦ୍ୟାଳୟ, ରାଉରକେଲା

## ୩୦ ତମ ବସନ୍ତ ସମାରୋହ ୨୦୧୬

## ବହୁ ଭାଷାଭାଷୀ କବି ସମ୍ମେଳନ

## ସଂଗୀତ ଧାରା, ରାଜଗାଙ୍ଗପୁର

ମହାଶୟ / ମହାଶୟା,

ଚଳିତ ମାସ ୨୦/୩/୨୦୧୬ (ମଙ୍ଗଳବାର) ତଥା ୨୧.୩.୨୦୧୬ (ବୁଧବାର) ସଂଧ୍ୟା ୭ ଘଟିକା ସମୟରେ ସଂଗୀତ ଧାରା, ରାଜଗାଙ୍ଗପୁର ପରିସରରେ ବାସନ୍ତିକା ସାହିତ୍ୟ ସମାରୋହ ଓ ବହୁଭାଷାଭାଷୀ କବି ସମ୍ମେଳନ ଓ 'ଅମୃତସ୍ୟପୁତ୍ର' ନାଟକ ପ୍ରଦର୍ଶନ କରିବାର ଆୟୋଜନ କରାଯାଇଛି ।

ନିମ୍ନ ଲିଖିତ କାର୍ଯ୍ୟ ଅନୁସାରେ ଆପଣଙ୍କର ସଶ୍ରଦ୍ଧ ଉପସ୍ଥିତି କାମନା କରୁଛୁ ।

ଆପଣଙ୍କ ସ୍ନେହାସ୍ପଦ

ଶ୍ରୀ ନିରୋଦ ଚନ୍ଦ୍ର ରାଉତରାୟ
ସଭାପତି

ଶ୍ରୀ ଦେବୀ ନାରାୟଣ ଆଚାର୍ଯ୍ୟ
ସଂପାଦକ
ଏବଂ
ସଂଗୀତ ଧାରାର ସମସ୍ତ ସଭ୍ୟ / ସଭ୍ୟା

### କାର୍ଯ୍ୟସୂଚୀ

୦.୩.୨୦୧୬ (ମଙ୍ଗଳବାର) ସଂଧ୍ୟା ୭ରୁ ୧୦ ଘଟିକା

ଆଲୋଚ୍ୟ ବିଷୟ : ଅସୀମ ଜୀବନ ଓ ଅସରନ୍ତି ଗଳ୍ପ

ଉଦ୍‌ଘାଟନ, ପ୍ରଦୀପ ପ୍ରଜ୍ଜ୍ୱଳନ ତଥା ମୂଳ ଆଲୋଚନା

କବି ଡଃ ଶତ୍ରୁଘ୍ନ ପାଣ୍ଡବ

ମୁଖ୍ୟ ଅତିଥି : ଶ୍ରୀ ଉମେଶ ସରକାର

(ଔପନ୍ୟାସିକ, ପଶ୍ଚିମବଙ୍ଗ)

ଭିତ୍ତିପ୍ରବନ୍ଧ ପାଠ : ଡଃ ସବିତା ରାୟ

ସମ୍ମାନିତ ଅତିଥି : ଇଂ ପ୍ରଭାକର ସାମଲ

୧.୩.୨୦୧୬ ( ବୁଧବାର) ସଂଧ୍ୟା ୭ରୁ ୧୦ ଘଟିକା

ଆଲୋଚ୍ୟ ବିଷୟ : ସୌନ୍ଦର୍ଯ୍ୟ ହିଁ ସତ୍ୟ ଓ ସତ୍ୟ ହିଁ ସୌନ୍ଦର୍ଯ୍ୟ

ଉଦ୍‌ଘାଟନ, ପ୍ରଦୀପ ପ୍ରଜ୍ୱଳନ ତଥା ବିଷୟ ଭିତ୍ତିରେ ଅଭିଭାଷଣ ପ୍ରଦାନ କବି ରାଜକିଶୋର ରାୟ

ମୁଖ୍ୟ ଅତିଥି : କବି ସମୀର ତାନ୍ତ୍ରୀ (ଆସାମ)

ସମ୍ମାନିତ ଅତିଥି : ଡଃ ମଞ୍ଜୁଳା ରଥ

ସମ୍ମାନିତ ଅତିଥି : ଡଃ ଅରବିନ୍ଦ ଧଳ

ସ୍ମରଣିକା **'ସଂଗୀତ'** ଉନ୍ମୋଚନ

କବିତାୟନ (ବହୁଭାଷାଭାଷୀ କବି ସମ୍ମେଳନ)

**'ଅମୃତସ୍ୟ ପୁତ୍ର' ନାଟକ ପ୍ରଦର୍ଶନ**

ରଚନା - ମନୋରଂଜନ ଦାସ

ପରିବେଶଣ - ଚାରୁକଳା ନାଟ୍ୟ ସଂସଦ

କଣ୍ଠ ସଂଗୀତ - ରେବାରାୟ / ବସନ୍ତ ଦାସ

ସ୍ଥାନ - ସଂଗୀତ ଧାରା ପ୍ରେକ୍ଷାଳୟ

ରାଜଗାଙ୍ଗ ପୁର

ଚଳଭାଷା - ୯୧୩୭୦୪୫୬୭୪

(ଦୟାକରି ସଂଧ୍ୟା ୬.୩୦ ସୁଦ୍ଧା ଆସନ ଗ୍ରହଣ କରିବାକୁ ଅନୁରୋଧ)

## ୨.୨ ପ୍ରେସ ଇସ୍ତାହାର

**କଲଚରାଲ ଆକାଡେମୀ, ବଣେଇର ୨୦ତମ ବାର୍ଷିକ ସମାରୋହ ଓ କବିତାୟନ ଉତ୍ସବ।**

ଆସନ୍ତା ୧୭ ଏପ୍ରିଲରୁ ୧୯ ଏପ୍ରିଲ ୨୦୧୭, ବଣାଇର ୨୦ତମ ବାର୍ଷିକ ସମାରୋହ କବିତାୟନ ଉତ୍ସବ ମହା ସମାରୋହ ଓ କବିତାୟନ ଉତ୍ସବ ମହା ସମାରୋହରେ ପାଳିତ ହେବାର ସ୍ଥିର ହୋଇଛି।

୧୭ ମାର୍ଚ୍ଚ ଅନୁଷ୍ଠାନର ବାର୍ଷିକ ଉତ୍ସବକୁ ଭଂଜ ଭବନ ଅଡ଼ିଟୋରିୟମ ଠାରେ ସନ୍ଧ୍ୟା ୭ ଘଟିକାସମୟରେ ଉଦ୍‌ଘାଟନ କରିବେ ମ୍ୟୁନିସିପାଲ କରପୋରେଶନ କମିଶନର ଶ୍ରୀ ନିତ୍ୟାନନ୍ଦ ବେହେରା ଏବଂ ସମ୍ମାନିତ ଅତିଥିଭାବେ ଯୋଗ ଦାନ କରିବେ ଶ୍ରୀ ଦିଲୀପ ଟପ୍ପୋ, (ପରିଯୋଜନା ପ୍ରଶାସକ), ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବଣେଇ)। ନିମନ୍ତ୍ରିତ କଳାକାରମାନେ ସେଇ ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

୧୮ ଏପ୍ରିଲ୍ ଉତ୍ସବରେ ଦ୍ୱିତୀୟ ସଂଧ୍ୟାରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବେ ସୁନ୍ଦରଗଡ଼ ଜିଲ୍ଲାପାଳ ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର ଏବଂ ସମ୍ମାନୀତ ଅତିଥି ରୂପେ ଯୋଗଦାନ କରିବେ ଓ.ସି.ଏଲ୍ ର ମହାପ୍ରବନ୍ଧକ ଶ୍ରୀ ଶ୍ୟାମସୁନ୍ଦର ମହାପାତ୍ର। ସେଇ ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ଶ୍ରୀମତୀ ରୂପାଲୀ ସେନ୍ ଏବଂ ତାଙ୍କ ଦଳ ( କୋଲକତା) ସୁଶ୍ରୀ ମମତା ଦିଗା ( ନାଗାଲାଣ୍ଡ) ଏବଂ ତାଙ୍କ ଦଳ ପରିବେଷଣ କରିବେ ସୁଫି ଭଜନ ଓ ଗଜଲ ପରିବେଷଣ କରିବେ ଶ୍ରୀ ନବୀନ ଶର୍ମା (ଛତିଶଗଡ଼) ୧୯ ଏପ୍ରିଲ୍ ଶେଷ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଡଃ ସୁନୀଲ ଷଡଙ୍ଗୀ, ଉପପ୍ରବନ୍ଧକ, ଜିନ୍ଦଲ ଏବଂ ସମ୍ମାନୀତ ଅଥିଥି ଭାବେ ଶ୍ରୀ ନରେଶ ସାହୁ, ଚେୟାରମ୍ୟାନ, ବଣେଇ ଉନ୍ନୟନ ସଂସ୍ଥା ଯୋଗ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ଆର୍ଟଅଫ ଡ୍ୟାନ୍‌ସର କଳାକାର ବୃନ୍ଦ। ଉକ୍ତ ସଂଧ୍ୟାରେ କବିତାୟନ କାର୍ଯ୍ୟକ୍ରମରେ ଓଡିଶା ତଥା ଓଡିଶା ବାହାରୁ ଆସିଥିବା ୨୦ ଜଣ କବି ନିଜସ୍ୱ କବିତାମାନ ଆଲୋକ ଓ ଶବ୍ଦ ସଂଯୋଜନାରେ କବିତା ପାଠ କରିବେ।

ତିନିଦିନ ବ୍ୟାପୀ ହେବାକୁ ଥିବା ସଂଗୀତ, ନୃତ୍ୟ ଓ ସାହିତ୍ୟ ଏହି ଅନନ୍ୟ ମନୋଜ୍ଞ ଉତ୍ସବକୁ ସଫଳ କରିବା ପାଇଁ ବହୁ ସଂଖ୍ୟାରେ କଳାପ୍ରେମୀ, ଶ୍ରୋତା, ଦର୍ଶକ, ବନ୍ଧୁ ଓ ଶୁଭେଚ୍ଛୁମାନେ ପରିବାର, ସବାନ୍ଧବ ସଂଧ୍ୟା ୬.୩୦ ସୁଦ୍ଧା ଭଂଜ ଅଡିଟୋରିୟମରେ ଉପସ୍ଥିତ ହୋଇ ଅନୁଷ୍ଠାନକୁ ଉତ୍ସାହିତ କରିବା ପାଇଁ ଆନୁଷ୍ଠାନିକଭାବେ ନିବେଦନ କରୁଛୁ।

ଶ୍ରୀ କ୍ଷୀରୋଦ ମହାନ୍ତି

ସାଧାରଣ ସଂପାଦକ,

କଲରୋଲ୍ ଏକାଡେମୀ

ବଣାଇ

## ୨.୩ କୋର୍ଟ ସମ୍ବନ୍ଧୀୟ ଦଲିଲ୍ ଓ କାଲତନାମା ଚୁକ୍ତିପତ୍ର , (Agreement) ଲିଜ ଓ ଅନ୍ୟାନ୍ୟ ଦଲିଲ

(କ)ଦଲିଲ୍ (Document) - ଦଲୀଲ ଏକ ପାର୍ଶୀ ଶବ୍ଦ । ଯାହାର ଅର୍ଥ ହେଲା ପ୍ରାମାଣିକ ଅର୍ଥଭିତ୍ତିକ ଲେଖା । ୧୮୬୦ ମସିହା ଭାରତୀୟ ଦଣ୍ଡ ସଂହିତାର ୨୯ ଧାରାରେ ଏବଂ ୧୮୭୨ ମସିହା ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନର ୩ ଧାରାରେ ଦଲିଲର ସଂଖ୍ୟା ନିରୂପଣ କରି କୁହାଯାଇଛି ଯେ ଅକ୍ଷର ( ଲିପି), ଅଙ୍କ ବା ଚିହ୍ନ ବା ଏହୁଡିକ ମଧ୍ୟରୁ ଏକାଧିକ ମାଧ୍ୟମ ସାହାଯ୍ୟରେ ଯେକୌଣସି ବସ୍ତୁ ଗାତ୍ରରେ ଅଭିବ୍ୟକ୍ତ ବା ବର୍ଣ୍ଣୀତ ଯେକୌଣସି ତଥ୍ୟ ଭିତ୍ତକ ଲିଖନକୁ ଦଲିଲ କୁହାଯାଏ । ଯେ କୌଣସି ଲେଖା, ସନନ୍ଦ, ସରକାରୀ ଆଦେଶ ନାମା, କବଲା, ସତ୍ୟପାଠ, ଇଚ୍ଛାପତ୍ର, ପ୍ରାର୍ଥନା ପତ୍ର, ଦରଖାସ୍ତ, ପାଞ୍ଜି, ଚକଡା, ଶିଳା ଲେଖ, ତାମ୍ରଶାସନ, ନକ୍ସା, ଆଲୋକଚିତ୍ର, ଏତାଲା, ଚେକ୍, ଆଜ୍ଞା ପତ୍ରିକା, ବାଣିଜ୍ୟକ ପତ୍ରାଳାପ ଇତ୍ୟାଦି ଦଲିଲ ଅନ୍ତର୍ଭୁକ୍ତ । ଏହି ଦୃଷ୍ଟିରୁ ବିଚାର କଲେ ଓଡିଆରେ ଦଲିଲ ଲେଖିବାର ପରଂପରା ବହୁପ୍ରାଚୀନ । ଓଡିଆ ଭାଷାର ପ୍ରାଚୀନତା, ଉତ୍କର୍ଷତା, ଉଚ୍ଚାରଣ ଓ ଆଚରଣରେ ସ୍ନିଗ୍ଧତା ହେତୁ ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଯୋଗ୍ୟତା ହାସଲ କରିଛି । ମୋଗଲ , ମରହଟ୍ଟା ଓ ଇଂରେଜମାନେ ଅଧରକାରର ବହୁ ପୂର୍ବରୁ ଦଲିଲ୍ ଲିଖନ କଳା ଓଡିଶାରେ ପ୍ରଚଳନ ଥିଲା । ଏହାର ସାର୍ବଜନୀନତା ତଥା ଆବୋଧ ଦୃଷ୍ଟିରୁ କରଣୀ ଲିଖନ ଶୈଳୀରେ ଏହାର ପ୍ରସ୍ତୁତ କରାଯାଇଥିଲା । ଫଳରେ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ପ୍ରଦତ୍ତ ବିଷୟବସ୍ତୁ ସଂପର୍କରେ ଅବଗତ ହେଉଥିଲେ । ପରବର୍ତ୍ତୀ ସମୟରେ ମୋହରୀର , ନବସିନ୍ଧାମାନେ ଓଡିଆରେ ଏହି ଦଲିଲ୍ ଅର୍ଜି, ଯବାନ ପ୍ରଭୃତି ଲେଖିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି । ଇଂରେଜୀ ଭାଷାର ବହୁଳ ପ୍ରଚାର ପ୍ରସାର ହେତୁ ନ୍ୟାୟିକ ବ୍ୟବସ୍ଥାରେ ଓଡିଆର ଅସ୍ତିତ୍ୱ ଲୋପପାଇଛି । ତେଣୁ ଓଡିଶାର ନିମ୍ନ ଓ ଉଚ୍ଚ ଅଦାଲତରେ ଯଦି ଓଡିଆ ଭାଷାକୁ ନ୍ୟାୟିକ କାର୍ଯ୍ୟବଳୀରେ ଅନ୍ତର୍ଭୁକ୍ତ କରାଯାଏ ତେବେ ଓଡିଆ ଭାଷାର ମର୍ଯ୍ୟାଦା ବଢିବା ସହିତ ଜନସାଧାରଣ ନ୍ୟାୟିକ ବ୍ୟବସ୍ଥା ସଂପର୍କରେ ସଚେତନ ହେବା ସହିତ ଅବବୋଧର କ୍ଷେତ୍ରଟିଏ ନିର୍ମାଣ ହୋଇପାରିବ ।

## ୨.୪ ଦଲିଲ୍ ସମ୍ବନ୍ଧୀୟ ନମୁନା

### ୨.୪.୧ କିଛି ନମୁନା

**ନମୁନା -(୧)**

୧୦୫୦ ଖ୍ରୀଷ୍ଟାବ୍ଦରେ ଅନନ୍ତ ବର୍ମାଙ୍କ ଉରଜାମ ଶିଳାଲିପି ଓଡିଆ ଗଦ୍ୟର ଆଦ୍ୟନିଦର୍ଶନ। ୧୪୬୬ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ଦେବଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିରରେ ଖୋଦିତ ଶିଳାଲେଖର ପାଠ ନିମ୍ନରେ ପ୍ରଦତ୍ତ।

'' ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ପ୍ରତାପ କପିଳେଶ୍ୱର ଦେବ ମହାରାଜଙ୍କ ବିଜେ ସମସ୍ତ ୩ାୄ ଅଙ୍କ ସ୍ରାହି କକଡା ୧୩ ଦିନ ଗୁରୁବାର ଶ୍ରୀ ପୁରୁଷୋତ୍ତମ କଟକେ ଦକ୍ଷିଣ ଦ୍ୱାରେ ମାଜଣା ମଣ୍ଡପେ ବିଜେ ସମୟୋ ଅବଧାନ ଆଜ୍ଞା ହୋଇଲା ମୁଦରେ ଶ୍ରୀ ଜଗନ୍ନାଥ ମୋହର ବାହ୍ୟ ଅଭ୍ୟନ୍ତର ଜାଣୁ ମୋହର ଯେତେ ଦେଇପାରେ ତାହା ଦେବ ଏ ଭୂମିଖଣ୍ଡ ଓ ତାହାକୁ ଅନୁଗ୍ରହ କରିଥା ସେ କେବେ ନୁହେଁ।''

## ୨.୪.୨ ସତ୍ୟପାଠ (Affidavit)

ମାନ୍ୟବର ଶ୍ରୀ ଯୁକ୍ତ ............ ସବ୍‌ଜଜଙ୍କ ଅଦାଲତ , କେନ୍ଦ୍ରପଡା

(ଦେୱାନୀ କାର୍ଯ୍ୟବିଧି ଆଇନ୍‌ର ନିର୍ଦ୍ଦେଶ ୨୨ ମୁତାବକ ଆଇନଗତ ଉତ୍ତରାଧିକାରୀ ସମ୍ବନ୍ଧରେ।)

ଦେୱାନୀ ବିବିଧ ଆବେଦନପତ୍ର ସଂଖ୍ୟା - ୨୦୦୭

ମୂଳ ମୋକଦ୍ଦମା ସଂଖ୍ୟା ..................୨୦୦୭

ଶ୍ରୀ ରଂଜନ କୁମାର ଦାସ, ପିତା/ସ୍ୱ ଶ୍ରୀଧର ଦାସ

ସା - ନରହରିପୁର , ଥାନା - କେନ୍ଦ୍ରାପଡା

ଜିଲ୍ଲା - କେନ୍ଦ୍ରାପଡା ମୂଳମୁଦେଇ

ବନାମ

ଶ୍ରୀ ରବିନାରାୟଣ ପ୍ରଧାନ, ପିତା - ହୃଷିକେଶ ପ୍ରଧାନ ,

ସା - ନରହରିପୁର , ଥାନା - କେନ୍ଦ୍ରାପଡା

ଜିଲ୍ଲା - କେନ୍ଦ୍ରାପଡା ମୂଳମୁଦାଲା

ଆମ୍ଭେ ଶ୍ରୀ ଗଗନ ବିହାରୀ ଦାସ, ପିତା/ଠ ରଞ୍ଜନ କୁମାର ଦାସ, ବୟସ - ୫୨ ବର୍ଷ, ସା - ନରହରିପୁର, ଥାନା - କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା।

ଏତଦ୍ଦ୍ୱାରା ଏକାନ୍ତ ସତ୍ୟ ନିଷ୍ଠ ଭାବେ ନିମ୍ନମତେ ସତ୍ୟପାଠ କରୁଅଛୁ କି ;

୧- ଆମ୍ଭେ ମୂଳ ମୁଦେଇଙ୍କର ପୁତ୍ର ଏବଂ ନିମ୍ନ ପ୍ରଦତ୍ତ ତଥ୍ୟ ସହ ସଂପୂର୍ଣ୍ଣ ଅବଗତ ଅଟୁ।

୨ - ଆମ୍ଭ ପିତା ମୂଳ ମୁଦେଇ ସ୍ୱର୍ଗତଃ ରଞ୍ଜନ କୁମାର ଦାସ ହିନ୍ଦୁ ଯୌଥ ପରିବାରର କର୍ତ୍ତା ସ୍ୱରୂପ ଉପରୋକ୍ତ ମୋକଦ୍ଦମା ଅଦାଲତରେ ଦାଖଲ କରିଥିଲେ।

୩- ଆମ୍ଭ ପିତା/ଠ ରଞ୍ଜନ କୁମାର ଦାସ ନିମ୍ନୋକ୍ତ ସଦସ୍ୟ ମାନଙ୍କୁ ପରିତ୍ୟାଗ କରି ୪.୩.୨୦୧୭ ରିଖ ପରଲୋକ ଗମନ କରିଛନ୍ତି। ନିମ୍ନ ଲିଖିତ ବ୍ୟକ୍ତିମାନେ ତାଙ୍କର ପୁତ୍ରଥାଇ ଆଇନ୍‌ଗତ ଅଧିକାରୀ ଅଟନ୍ତି।

(କ) ଶ୍ରୀ ଗଗନ ବିହାରୀ ଦାସ, ବୟସ ୫୨ ବର୍ଷ , ପିତା/ଠ ରଞ୍ଜନ କୁମାର ଦାସ।

(ଖ) ଶ୍ରୀ ତୁଷାର କାନ୍ତି ଦାସ, ପିତା ଶ୍ରୀ ରତିକାନ୍ତ ଦାସ, ବୟସ ୧୯ ବର୍ଷ।

(ଗ) ଶ୍ରୀ ରତିକାନ୍ତି ଦାସ, ବୟସ ୪୪ ବର୍ଷ।

(ଘ) ଶ୍ରୀ ନିହାର ରଞ୍ଜନ ଦାସ, ପିତା ଶ୍ରୀ ରତିକାନ୍ତ ଦାସ, ବୟସ ୯ ବର୍ଷ।

୪- ଆମ୍ଭ ପିତାଙ୍କ ମୃତ୍ୟୁପରେ ୩ୟ ପଙ୍‌କ୍ତିରେ ସୂଚିତ ପରିବାରର ସମସ୍ତ ସଦସ୍ୟ ଯୌଥ ପରିବାରରେ ରହୁଛନ୍ତି। ଆମ୍ଭେ ସତ୍ୟପାଠକାରୀ ଜ୍ୟେଷ୍ଠତମ ସଦସ୍ୟଭାବେ ପରିବାରର କର୍ତ୍ତା ଅଟୁ।

୫- ଆମ୍ଭେ ଆମ୍ଭର ପରଲୋକଗତ ପିତାଙ୍କ ଅନ୍ତେ ଆଇନଗତ ଉତ୍ତରାଧିକାରୀ ଭାବରେ ଉକ୍ତ ମୋକଦ୍ଦମା ଚଳାଇବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛା ବ୍ୟକ୍ତ କରୁଛୁ।

**ସତ୍ୟାପନ**

ଆମେ ଉପର ନାମିତ ଅଭିସାକ୍ଷ ପ୍ରଦାନକାରି ସୁସ୍ଥଶରୀର, ଧୀରମନ, ସ୍ଥିର ଚିତ୍ତରେ ଶପଥ ଓ ସତ୍ୟପାଠ ପୂର୍ବକ କହୁଅଛୁ କି ପଙ୍‌କ୍ତି ସଂଖ୍ୟା (୧) ଓ (୫) ରେ ଦିଆ ଯାଇଥିବା ତଥ୍ୟ ସମସ୍ତଆମ୍ଭ ଜ୍ଞାନମତେ ସତ୍ୟ ଅଟେ। ଏଣୁ ଆମ୍ଭେ ଅଦ୍ୟ ତା ୯.୩.୨୦୧୭ ରିଖ ଦିନ ମାନ୍ୟବର ଅଦାଲତରେ ଉପସ୍ଥିତ ରହି ଉକ୍ତ ସତ୍ୟପାଠ ନିମ୍ନରେ ସ୍ୱାକ୍ଷର କଲୁ।

ସ୍ୱାକ୍ଷର - ଶ୍ରୀ ଗଗନ ବିହାରୀ ଦାସ

ସତ୍ୟପାଠକାରୀ

ଆମ୍ଭେ ଶ୍ରୀ ନିତ୍ୟାନନ୍ଦ କାନୁନଗୋ, ପିତା- ଶ୍ରୀ ରବି କାନୁନ୍ ଗୋ, ସା - ରଘୁନାଥ ପୁର, ଥାନା - କେନ୍ଦ୍ରାପଡା, ଜିଲ୍ଲା- କେନ୍ଦ୍ରାପଡା, ସତ୍ୟାପାଠକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା କାଗଜପତ୍ର ଯାଞ୍ଚପୂର୍ବକ ସେ ନିଜେ ଶ୍ରୀ ଗଗନ ବିହାରୀ ଦାସ ପିତା୰ ରଞ୍ଜନ କୁମାର ଦାସ, ସା - ନରସିଂହ ପୁର , ଥାନା - କେନ୍ଦ୍ରାପଡା, ଜିଲ୍ଲା - କେନ୍ଦ୍ରାପଡା ବୋଲି ସନ୍ତୁଷ୍ଟ ହୋଇ ତାଙ୍କୁ ତଥା ତାଙ୍କ ସ୍ୱାକ୍ଷର ଚିହ୍ନଟ କଲୁ।

ସ୍ୱାକ୍ଷର - ନିତ୍ୟାନନ୍ଦ କାନୁନ୍‌ଗୋ

(ଓକିଲଙ୍କ ସ୍ୱାକ୍ଷର)

ଅଭିସାକ୍ଷ ପ୍ରଦାନକାରୀ ମୋ ସମ୍ମୁଖରେ ସତ୍ୟନିଷ୍ଠାର ସହିତ ଅଦ୍ୟ ତା ୯.୩.୨୦୧୭ ରିଖ ଦିବା ଘଟିକା ୧୧ଟା ସମୟରେ ତଥ୍ୟସକଳ ସଶପଥ ଉପରୋକ୍ତ ଚିହ୍ନଟପୂର୍ବକ ଆମ୍ଭର ପରିଚିତ ବ୍ୟକ୍ତିଥିବାରୁ ଘୋଷଣା କଲେ।

ସ୍ୱାକ୍ଷର

(ଶପଥ ଆୟୋଗ)

## ପୋଷ୍ୟପୁତ୍ର ଦଲିଲ

(୧) ପୋଷ୍ୟପୁତ୍ର ଗ୍ରହୀତାଙ୍କ ନାମ ଓ ଧାମ -

ଶ୍ରୀ ନବକିଶୋର ଜେନା

ପିତା -୰ରାଘବ ଚରଣ ଜେନା

ଗ୍ରାମ - କୁଆଁର ମୁଣ୍ଡା

ଥାନା - କୁଆଁର ମୁଣ୍ଡା

ଜିଲ୍ଲା - ସୁନ୍ଦରଗଡ଼

ପ୍ରଥମ ପକ୍ଷ

(ପାଳକ ପିତା)

(୨) ପୋଷ୍ୟପୁତ୍ରଙ୍କ ନାମ ଓ ଧାମ -
ଶ୍ରୀ ଅମ୍ବରୀଣ ସାମଲ
ପିତା-୰ ମଥୁରାନନ୍ଦ ସାମଲ
ବୟସ -୪୮ ବର୍ଷ
ଗ୍ରାମ -ବେଦବ୍ୟାସ
ଥାନା - ବେଦବ୍ୟାସ
ଜିଲ୍ଲା - ସୁନ୍ଦରଗଡ଼
ଦ୍ୱିତୀୟ ପକ୍ଷ

(ଜନ୍ମ କଲାପିତା)
(୩) ଦଲିଲ୍‌ର ପ୍ରକାର - ପୋଷ୍ୟପୁତ୍ର ଦଲିଲ୍
(୪) ସଂପାଦନ ତାରିଖ, ସମୟ ଓ ସ୍ଥାନ - ତା ୩୦.୧୨.୨୦୦୭ରିଖ ଅପରାହ୍ନ ୩ ଘଟିକା ସମୟରେ କୁଆଁର ମୁଣ୍ଡାସ୍ଥ ପ୍ରଥମ ପକ୍ଷଙ୍କ ବାସଗୃହରେ ।
(୫) ସର୍ତ୍ତାବଳୀ -

(କ) ଆମ୍ଭେ ପୋଷ୍ୟପୁତ୍ର ଗ୍ରହୀତାଙ୍କ ସ୍ୱପତ୍ନୀଙ୍କ ଗର୍ଭରୁ ବୈବାହିକ ଜୀବନର ୧୮ ବର୍ଷ ହୋଇଯାଇଥିଲେ ମଧ୍ୟ କୌଣସି ସନ୍ତାନର ଜନକ / ଜନନୀ ହୋଇପାରିନାହୁଁ ।

(ଖ) ଆମ୍ଭେ ପୋଷ୍ୟପୁତ୍ର ଗ୍ରହୀତା ସ୍ୱବଂଶରକ୍ଷା ପାଇଁ ଏବଂ ପତିପତ୍ନୀଙ୍କ ଦେହାନ୍ତେ ଲୌକିକ ଅନ୍ତ୍ୟେଷ୍ଟିକ୍ରିୟା ସଂପନ୍ନ ପାଇଁ ପୋଷ୍ୟପୁତ୍ର ଗ୍ରହଣ ନିମନ୍ତେ ଇଚ୍ଛା ପ୍ରକାଶ କରୁଛୁ ।

(ଗ) ପ୍ରଥମ ପକ୍ଷ ପୋଷ୍ୟପୁତ୍ର ଗ୍ରହୀତାଙ୍କୁ ଦ୍ୱିତୀୟ ପକ୍ଷ ପୋଷ୍ୟପୁତ୍ର ଦାତା ତାଙ୍କର ତୃତୀୟ ପୁତ୍ର ଶ୍ରୀମାନ ଦିବାକର ସାମଲଙ୍କୁ ପୋଷ୍ୟପୁତ୍ର ଭାବେ ପ୍ରଦାନ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି ।

(ଘ) ଆମ୍ଭେ ପ୍ରଥମପକ୍ଷ ପୋଷ୍ୟପୁତ୍ର ଗ୍ରହୀତାଙ୍କ ଧର୍ମପତ୍ନୀ ସରଳା ଦେବୀ ପୋଷ୍ୟପୁତ୍ର ଗ୍ରହଣ ନିମନ୍ତେ ସ୍ୱୀକୃତି ପ୍ରଦାନ କରିଛନ୍ତି ।

(ଙ) ଦ୍ୱିତୀୟ ପକ୍ଷ ପୋଷ୍ୟପୁତ୍ର ଦାତାଙ୍କ ଧର୍ମପତ୍ନୀ ଆଜକୁ ଦୁଇବର୍ଷ ତଳେ ମୃତ୍ୟୁବରଣ କରିଥିବାରୁ ଏହି ପୋଷ୍ୟପୁତ୍ର ପ୍ରଦାନ ପାଇଁ ଆବଶ୍ୟକ ତାଙ୍କର ସଂପତ୍ତି ନିଆଯାଇପାରୁ ନାହିଁ ।

(୬) ପୋଷ୍ୟପୁତ୍ର ଶ୍ରୀମାନ ଦିବାକରଙ୍କ ବର୍ତ୍ତମାନ ବୟସ ୮ ବର୍ଷ ।
(୭) ପ୍ରକୃତ ପିତା (ଦ୍ୱିତୀୟ ପକ୍ଷ) ଯିଏ ପ୍ରଥମପକ୍ଷଙ୍କ ସଂପର୍କରେ ମାମୁ ପୁଅ ଭାଇ ଅଟନ୍ତି ଅଦ୍ୟ ତା୩୦.୧.୨୦୦୭ ରିଖ ଅପରାହ୍ନ ୩ ଘଟିକା ସମୟରେ ପୋଷ୍ୟପିତା (ପ୍ରଥମ ପକ୍ଷ) ଙ୍କ ବାସଭବନରେ

ଉପସ୍ଥିତି ପୂର୍ବକ ଗ୍ରାମର ଗଣ୍ୟମାନ୍ୟ ବ୍ୟକ୍ତିବେଶଷ / ବନ୍ଧୁ , ଜ୍ଞାତି, କୁଟୁମ୍ବ ବର୍ଗ / ପରିବାର ପରିଜନ କୁଳଦେବ ତାଙ୍କ ସମ୍ମୁଖରେ ପ୍ରଥମ ପକ୍ଷ (ପାଳକ ପିତା)ଙ୍କ କୋଳକୁ ନିଜ ଜନ୍ମିତପୁତ୍ର ଦିବାକରକୁ ସମର୍ପିତ କଲାରୁ ପ୍ରଥମପକ୍ଷ ଉକ୍ତ ପୁତ୍ରକୁ ନିଜର ପାଳିତ ପୁତ୍ର ରୂପେ ଗ୍ରହଣ କଲେ ।

(୮) ଅଦ୍ୟତାରିଖରୁ ଆମ୍ଭେ ପ୍ରଥମ ପକ୍ଷ ପୋଷ୍ୟପୁତ୍ର ଗ୍ରହୀତାଙ୍କ ସାଙ୍ଗିଆରେ ଶ୍ରୀମାନ ଦିବାକର ଜେନା ନାମରେ ନାମିତ ହେବେ ଏବଂ ଆମ୍ଭମାନଙ୍କୁ ମାତା ପିତା ବୋଲି ସମ୍ବୋଧନ କରିବେ ।

(୯) ଆଦ୍ୟ ତାରିଖରୁ ଶ୍ରୀମାନ ଦିବାକର ଔରସଜାତ ସନ୍ତାନ ସଦୃଶ ଗଣାଯାଇ ଆମ୍ଭର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତିରେ ସତ୍ତ୍ୱାଧିକାରୀ ହେବେ । ତାଙ୍କ ବ୍ୟତୀତ ଅନ୍ୟ କେହି ଆମ୍ଭର ସର୍ବସତ୍ତ୍ୱ ଉପରେ ଦାବି କଲେ ଏହି ଦଲିଲ୍ ବଳରେ ଆଇନ ଅଦାଲତରେ ଅଗ୍ରାହ୍ୟ ହେବ ।

(୧୦) ଆମ୍ଭେ ପାଳକ ପିତା ଘୋଷଣା କରୁଅଛି କି ଯଦି ଆମର ପାଳକ ପୁତ୍ର ଧର୍ମାନ୍ତରିତ ହୁଅନ୍ତି କିମ୍ବା ପଳାତକ ହୁଅନ୍ତି ତେବେ ସେ ପୋଷ୍ୟ ପୁତ୍ରରୁ ବଂଚିତ ହେବେ ।

ଇତି
ତା ୩୦.୧.୨୦୦୭ ରିଖ
ଇଂରାଜୀ ଦୁଇ ହଜାର ସାତ ମସିହା
ଜାନୁଆରୀ ତିରିଶ ତାରିଖ

ଅତ୍ର ପୋଷ୍ୟପୁତ୍ର ଦଲିଲ୍ କୁ ପ୍ରଥମ ପକ୍ଷ (ପୋଷ୍ୟ ପୁତ୍ର ଗ୍ରହୀତା) ଦ୍ୱିତୀୟ ପକ୍ଷ (ପୋଷ୍ୟ ପୁତ୍ର ଦାତା ପ୍ରଥମ ପକ୍ଷଙ୍କ ସହଧର୍ମୀଣୀ ଏବଂ ଗୃହୀତା (ଶ୍ରୀମାନ ଦିବାକର - ପାଳକ ପୁତ୍ର) ଙ୍କୁ ଆମ୍ଭେ ନବସିନ୍ଧା ଲେଖି ସାକ୍ଷୀଙ୍କ ଉପସ୍ଥିତିରେ ପଢି, ଶୁଣାଇ ଦେବାର ସଠିକ୍ ଜାଣି ଦୁଇ ପକ୍ଷମାନେ କାର୍ଯ୍ୟ ସଂପାଦନ ପୂର୍ବକ ସ୍ୱାକ୍ଷର କଲେ ।

ସ୍ୱାକ୍ଷର - ଶ୍ରୀ ନବଘନ ପରିଡା
ତା ୩୦.୧.୨୦୦୭ ରିଖ
(ନବସିନ୍ଧା)

ଆମ୍ଭେ ପ୍ରଥମପକ୍ଷ (ପାଳକ ପିତା), ଦ୍ୱିତୀୟ ପକ୍ଷ (ପ୍ରକୃତ ପିତା) ଓ ଶ୍ରୀମତୀ ସରଳା ଦେବୀ (ପାଳକ ମାତା) ସମସ୍ତଙ୍କ ଉପସ୍ଥିତିରେ ଆମ୍ଭ ଅନୁରୋଧ କ୍ରମେ ପଢି, ଶୁଝି ଓ ବୁଝି ସୁସ୍ଥ ଶରୀର, ଧୀରମନ ଓ ସ୍ଥିର

ଚିତ୍ତରେ ଉକ୍ତ ଦଲିଲ୍ ଟିକୁ ସଂପାଦନ ପୂର୍ବକ ସ୍ୱାକ୍ଷର କଲୁ ।

ସାକ୍ଷୀମାନଙ୍କ ନାମ ଓ ଠିକଣା ସ୍ୱାକ୍ଷର

୧- ଶ୍ରୀ ............ ପିତା ............... ସ୍ୱାକ୍ଷର .................
ଗ୍ରାମ ........... ଥାନା .......... ଜିଲ୍ଲା .............

୨- ଶ୍ରୀ ............ ପିତା ............... ସ୍ୱାକ୍ଷର ................
ଗ୍ରାମ ........... ଥାନା .......... ଜିଲ୍ଲା .............

୩- ଶ୍ରୀ ............ ପିତା ............... ସ୍ୱାକ୍ଷର ................
ଗ୍ରାମ ........... ଥାନା ......... ଜିଲ୍ଲା .............

ପ୍ରଥମ ପକ୍ଷଙ୍କ ସ୍ୱାକ୍ଷର

..........................

ଦ୍ୱିତୀୟ ପକ୍ଷଙ୍କ ସ୍ୱାକ୍ଷର

..........................

ପ୍ରଥମ ପକ୍ଷ ପତ୍ନୀଙ୍କ ସ୍ୱାକ୍ଷର

..........................

## ୨.୪.୩ ଉପହାର ତାଲିକା ପ୍ରସ୍ତୁତ ପ୍ରଣାଳୀ

ଭାରତୀୟ ଦଣ୍ଡ ସଂହିତା ଧାରା ୩୦୪ (ଖ) ଏବଂ ଧାରା ୪୯୮ (କ) ରେ ଯଥାକ୍ରମେ ଯୌତୁକ ଜନକ ମୃତ୍ୟୁ ଏବଂ ବଧୂ ନିର୍ଯ୍ୟାତନା ସଂପର୍କରେ ଆଇନ ପ୍ରଣୟନ ହୋଇଛି । ବିବାହ ସମୟରେ ପ୍ରାପ୍ତ ଉପହାରର ସଂକ୍ଷିପ୍ତ ବିବରଣୀ ମୂଲ୍ୟ, ଦାତାଙ୍କ ନାମ ଏବଂ ତାଙ୍କ ସହିତ ବରକନ୍ୟାର ସଂପର୍କ, ଲିପିବଦ୍ଧ ହୋଇରହିବ । ଉପହାର ତାଲିକାରେ ଉଭୟ ପକ୍ଷଙ୍କ ସମେତ ଆତ୍ମୀୟ ସ୍ୱଜନ ବା ନିମନ୍ତ୍ରଣ ଭଦ୍ର

ବ୍ୟକ୍ତିଙ୍କୁ ସାକ୍ଷୀଭାବେ ଗ୍ରହଣ କରାଯାଇ ସେମାନଙ୍କ ଦସ୍ତଖତ ନିଆଯିବ।

ବିବାହ ପରେ ଯଦି ଯୁବତୀ ଶାରୀରିକ ଆଘାତ ପ୍ରାପ୍ତ ହୋଇ ମୃତ୍ୟୁବରଣ କରିଥାଏ ଏବଂ ମୃତ୍ୟୁ ପୂର୍ବର ଯୁବତୀ ନିଜ ସଂପର୍କୀୟମାନଙ୍କୁ ତା ଉପରେ ଯୌତୁକ ଜନିତ ନିର୍ଯ୍ୟାତନା ଦେବା ପ୍ରସଙ୍ଗଟି ଉତ୍‌ଥାପନ କରିଥାଏ ତେବେ ସେଇ ଆଧାରରେ ଏହା ଯୌତୁକ ମୃତ୍ୟୁ ବୋଲି ବିଚାର ପରିସରଭୁକ୍ତ ହେବ। ଯଦି ଯୁବତୀକୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇ ଯୌତୁକ ଆଣିବାକୁ ସ୍ୱାମୀ ଓ ତାର ପରିବାରର ସଦସ୍ୟବୃନ୍ଦ ବାଧ୍ୟ କରନ୍ତି ତେବେ ତାହା ମଧ୍ୟ ଦଣ୍ଡ ବିଧାନ ପର୍ଯ୍ୟାୟଭୁକ୍ତ ହେବ।

## ଉପହାର ତାଲିକା

ଅଦ୍ୟ ତା୨୨.୩.୨୦୦୨ ରିଖ ବୁଧବାର ଦିନ ଆୟୁଷ୍ମତୀ ଅଳକାଙ୍କ ସହିତ ଆୟୁଷ୍ମାନ ଅନିଲଙ୍କ ଶୁଭପରିଣୟ ସଂପନ୍ନ ହୋଇଛି। ଏହି ଉପଲକ୍ଷେ କନ୍ୟାକୁ ମିଳିଥିବା ଉପହାରର ତାଲିକା ନିମ୍ନରେ ପ୍ରଦତ୍ତ ହେଲା।

## ଉପହାର ତାଲିକାର

| କ୍ର.ନଂ | ଉପହାରର ସଂକ୍ଷିପ୍ତ ବିବରଣୀ | ହାରାହାରି ମୂଲ୍ୟ | ଦାତାଙ୍କ ନାମ | ଦାତାଙ୍କ କନ୍ୟାସହ ସଂପର୍କ |
|---|---|---|---|---|
| (୧) | ସୁନାଚେନ୍ ୧ଟା | ଟ.୫୦୦୦/- | ଲିଲି ସାହୁ | ବଡ଼ନାନୀ |
| (୨) | ସୁନି ମୁଦି ୨ଟା | ଟ.୪୦୦୦/- | ଝୁନୁରାଣୀ ବେହେରା | ମାଇଁ |
| (୩) | ପ୍ରସାଧନୀ ଆଟାଚୀ | ଟ.୨୦୦୦/- | ସିଲା ସାହୁ | ମଝିଆ ନାନୀ |
| (୪) | ସାଗୁଆନ ଡବଲ ବେଡ | ଟ.୪୫୦୦୦/- | ସୌମ୍ୟ ପ୍ରସାଦ ସାହୁ | ଭାଇ |
| (୫) | ଷ୍ଟିଲ୍ ଡିସେଟ୍ | ଟ. ୨୫୦୦/- | ଦୀପକ ସାହୁ | ଭାଇ |
| (୬) | ଗଡ୍ରେଜ | ଟ. ୭୦୦୦/- | କୈଳାଶ ପୃଷ୍ଟି | ମାମୁଁ |
| (୭) | ଫ୍ରିଜ୍ | ଟ. ୧୨୦୦୦/- | ରାହାସ ବିହାରୀ | ଭିଣେଇ |
| (୮) | କାନଫୁଲ | ଟ. ୩୦୦୦୦/- | ଅନିଲ ସାହୁ | ସାଙ୍ଗ |
| (୯) | ମଙ୍ଗଳସୂତ୍ର | ଟ.୧୫୦୦୦/- | ରଶ୍ମୀ ମହାନ୍ତି | ଅଫିସ୍ ଷ୍ଟାଫ୍ |
| (୧୦) | ମୁଦି | ଟ. ୬୦୦୦/- | ଦିଲ୍ଲୀପ ପଟ୍ଟନାୟକ | ମଉସା |

ଆତ୍ମୀୟ ସ୍ୱଜନ / ଆମନ୍ତ୍ରିତ ଭଦ୍ର ବ୍ୟକ୍ତି ସ୍ୱାକ୍ଷର

୧..............................

୨..............................

୩..............................

କନ୍ୟାର ସ୍ୱାକ୍ଷର

....................

ବରର ସ୍ୱାକ୍ଷର

.......................

## ୨.୪.୪ ଅପରାଧ ଅଭିଯୋଗ ଆବେଦନ ପତ୍ର / F.I.R (ଏତାଲା)

ଏତାଲା ଏକ ଦଲିଲ । ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୧୫୪ ଅନୁସାରେ ପୋଲିସ ନିକଟରେ କୌଣସି ଅପରାଧ ସଂକ୍ରାନ୍ତୀୟ ପ୍ରଥମ ଅଭିଯୋଗକୁ ଏଫ୍. ଆଇ. ଆର ବା ଏତାଲା କୁହାଯାଏ । ଧର୍ତ୍ତବ୍ୟ ଅପରାଧର ପ୍ରାଥମିକ ସୂଚନା ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଲିଖିତ ଭାବେ ଦାଖଲ କଲେ ତାର ନକଲ ଥାନା ଅଧିକାରୀଙ୍କ ଠାରୁ ଏତାଲା ଦେଇଥିବା ବ୍ୟକ୍ତି ପାଇପାରିବେ । ଅପରାଧ ଘଟିଥିବା ଘଟଣାଟି ସ୍ଥାନୀୟ ଥାନା ଅଧିକାରୀଙ୍କ ଉଦ୍ଦେଶ୍ୟରେ ସମ୍ବୋଧିତ ହୋଇ ଘଟଣାର ବିବରଣୀ ପ୍ରଦାନ ଏହି ଏତାଲାରେ କରାଯାଇଥାଏ ।

<u>**ଏତାଲା**</u>

ପ୍ରାପ୍ତେଷୁ,

ଶ୍ରୀଯୁକ୍ତ ବିଶ୍ରାଥାନାର ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ମାନନୀୟେଷୁ ।

ମହାଶୟ,

ଆମ୍ଭେ ଶ୍ରୀ କ୍ଷୀରୋଦ କୁମାର ବରାଳ, ପିଂ ଅନାଦି ବରାଳ ବୟସ ୫୫ବର୍ଷ, ଗ୍ରାମ-ରାଉରକେଲା, ଥାନା -ବିଶ୍ରା, ଜିଲ୍ଲା- ସୁନ୍ଦରଗଡ଼ । ଅଦ୍ୟ ତା୧୭.୨.୨୦୧୬ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଆମ୍ଭର ବନ୍ଧୁ ଶ୍ରୀ ନୃସିଂହ ଚରଣ ମହାନ୍ତିଙ୍କ ସହିତ ଥାନାରେ ଉପସ୍ଥିତ ରହି ନିମ୍ନୋକ୍ତ ପ୍ରାଥମିକ ସୂଚନା ବିବରଣୀ ପ୍ରଦାନ କଲୁ ।

(୧) ଦୀର୍ଘ ୧୦ବର୍ଷ ଧରି ବିଶ୍ରାସ୍ଥ ମସଜିଦ୍ ଛକନିକଟରେ ଗୋଟିଏ ଷ୍ଟେସ୍‌ନାରୀ ଦୋକାନ କରି ପରିବାର ପ୍ରତିପାଳନ କରିଆସୁଛି । ସରକାରୀ ଜମି ଉପରେ ମୋର ନିଜସ୍ୱ ଉଠାଦୋକନ (କେବିନ) ରହିଛି ଏବଂ ପ୍ରତିଦିନ ତାକୁ ନେବା ଆଣିବା କରିଥାଏ ।

(୨) ଆମ୍ଭ ଗ୍ରାମର ବୃନ୍ଦାରାମ ମହାତୋ, ପିତା-ଭୋଳେରାମ ମହାତୋ, ବୟସ ୪୮ବର୍ଷ, ଉକ୍ତ ସ୍ଥାନରେ

ତାର ଉଠାଦୋକାନ ଅବସ୍ଥିତ ।

(୩) ଅଦ୍ୟ ତା ୧୭.୨.୨୦୧୬ ରିଖ ସକାଳ ୯ ଘଣ୍ଟା ସମୟରେ ଉପରନାମିତ ବୁଦ୍ଧରାମ ମହାତୋ ଓ ତାର ଭାଇ ଜଗୁରାମ ମହାତୋ ବୟସ ୪୫ ବର୍ଷ, ଉଭୟ କେବିନଥିବା ସ୍ଥାନ ସଂପର୍କରେ ବଚସା ଆରମ୍ଭ କଲେ ।

(୪) ଆମେ ଯେତେ ବୁଝାଇଲେ ମଧ୍ୟ ମୁଦାଲାମାନେ କିଛି ନବୁଝି ମୋର କେବିନ୍‌ଟାକୁ ଭାଙ୍ଗି ଦେବା ସହ ମୋତେ ଲୁହାରଡ଼ରେ ମାରିଲେ ।

(୫) ମୋର ବନ୍ଧୁ ଶ୍ରୀ ନୃସିଂହ ଚରଣ ମହାନ୍ତି ଏଥିରେ ହସ୍ତକ୍ଷେପ କରି ମୁଦାଲାମାନଙ୍କୁ ଏହି କାର୍ଯ୍ୟରୁ ନିବୃତ୍ତି ପାଇଁ ଆଗେଇ ଆସିଥିଲେ ଏବଂ ତାଙ୍କ ଦ୍ୱାରା ବ୍ୟବହୃତ ଲୁହାରଡ଼ଟିକୁ ଜବତ କରିଥିଲେ ।

(୬) ଆମ୍ଭେ ଉପରୋକ୍ତ ରକ୍ତାକ୍ତ ଅବସ୍ଥାରେ ଥାନାକୁ ଆସି ଏତାଲା ଦାଏର କରିବା ସଂଗେ ସଂଗେ ଘଟଣା ସ୍ଥଳରୁ ଜବତ ହୋଇଥରବା ଲୁହାରଡ଼, ମୋର ରକ୍ତଭିଜା ଗାମୁଛା ଓ ଗେଞ୍ଜି ଥାନାରେ ଦାଖଲ କଲୁ ।

ଏଣୁ ବିନୀତ ଅନୁରୋଧ ଦାଖଲ ହୋଇଥିବା ଜିନିଷ ଜବତ କରି ତଦନ୍ତ ପୂର୍ବକ ଦୋଷୀମାନଙ୍କୁ ଧରି ସେମାନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

ଇତି

ଆପଣଙ୍କର ବିଶ୍ୱସ୍ତ

ଶ୍ରୀ କ୍ଷୀରୋଦ କୁମାର ବରାଳ

ତା ୧୭.୨.୨୦୧୬

## ଯୌତୁକ ଆଇନ୍ ଧାରା ଅନୁସାରେ ଦରଖାସ୍ତ

ପ୍ରାପକ,

ମାନନୀୟେଷୁ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ, ରାଉରକେଲାଙ୍କ ଅଦାଲତ ସମୀପେଷୁ ।

(୧) ଶ୍ରୀ ବାବାଜୀଚରଣ ନାଏକ, ପିତା/ ଧରଣୀଧର ନାଏକ, ବୟସ ୫୧, ଗ୍ରା-କୋକେରମା, ଥା - ବେଦବ୍ୟାସ, ଜିଲ୍ଲା -ସୁନ୍ଦରଗଡ଼ ।

(୨) ଶ୍ରୀମତୀ ସ୍ୱପ୍ନାକୁମାରୀ, ପିତା- ଶ୍ରୀ ବାବାଜୀ ଚରଣ ନାୟକ, ବୟସ- ୨୪, ଗ୍ରାମ- କୋକେରମା, ଥାନା - ବେଦବ୍ୟାସ, ଜିଲ୍ଲା- ସୁନ୍ଦରଗଡ଼ ।

(ପ୍ରଥମ ପକ୍ଷ)

(୧) ଶ୍ରୀ କେଦାର ନାଥ ପ୍ରଦାନ ,ପିତା/ ରାଧୁ ପ୍ରଧାନ, ବୟସ -୨୪, ଗ୍ରାମ- କଚାରୁ, ଥାନା-କୁଆଁର ମୁଣ୍ଡା, ଜିଲ୍ଲା - ସୁନ୍ଦରଗଡ଼ ।

(୨) ଶ୍ରୀ ନବଘନ ପ୍ରଧାନ, ପତା-ଶ୍ରୀ କେଦାର ନାଥ ପ୍ରଧାନ, ବୟସ -୨୭ ଗ୍ରାମ- କୋକେରମା , ଥାନା - ବେଦବ୍ୟାସ , ଜିଲ୍ଲା ସୁନ୍ଦରଗଡ଼ ।

(ଦ୍ୱିତୀୟ ପକ୍ଷ)

ମହାଶୟ,

ଆମ୍ଭେ ଅଭିଯୋଗକାରୀ ନିମ୍ନମତେ ଆବେଦନ କରୁଅଛୁ ।

(୧) ଆମ୍ଭେ ଉପରଲିଖିତ ଠିକଣାରେ ସ୍ଥାୟୀଭାବେ ବସବାସ କରୁଅଛୁ ।

(୨) ଅପର ପକ୍ଷମାନେ ଆମ୍ଭ ଗ୍ରାମଠାରୁ ୧୨ କିଲୋମିଟର ଦୂରରେ ଉପର ଲିଖିତ ଠିକଣାରେ ବସବାସ କରନ୍ତି । ୧ ନମ୍ବର ଅପରପକ୍ଷ ୨ ନମ୍ବର ଅପରପକ୍ଷଙ୍କର ପିତା ଅଟନ୍ତି ଏବଂ ଆମ୍ଭେ ଉଭୟ ପକ୍ଷ ଆପଣଙ୍କ ମାନ୍ୟବର ଅଦାଲତର ଶାସନାଧୀନ ଅଟୁ ।

(୩) ଆମ୍ଭର ଏକମାତ୍ର କନ୍ୟା ସ୍ୱପ୍ନାକୁମାରୀ, ବୟସ-୨୪ବର୍ଷଙ୍କୁ ଦୁଇନମ୍ବର ଅପରପକ୍ଷଙ୍କ ସହ ବିବାହ ପାଇଁ ଆମ ଗ୍ରାମର ଶ୍ରୀ ସାମନ୍ତ ସାହୁଙ୍କ ମଧ୍ୟସ୍ଥତାରେ ୧ ନମ୍ବର ଅପରପକ୍ଷଙ୍କ ସହିତ କଥାବାର୍ତ୍ତା କରି ଆସନ୍ତା ମାର୍ଗଶୀର ମାସ ଇଂରାଜୀ ତା୨୮.୧୨.୨୦୦୮ ରିଖକୁ ଦିନ ଧାର୍ଯ୍ୟ କରିଥିଲୁ । ଆମ୍ଭ ଗ୍ରାମର ଶ୍ରୀ ଅନାଦି ସାହୁ, ଶ୍ରୀ ରତ୍ନାକର ସ୍ୱାଇଁ, ଶ୍ରୀ ପରମାନନ୍ଦ ନାୟକ, ଶ୍ରୀ ସୁଧୀର ସାହୁ, ରାମହରି ବାରିକ, ପୂଜକ ଶ୍ରୀ ଦିନନାଥ ମିଶ୍ର ଏବଂ ଜ୍ୟୋତିଷ ରଘୁରାମ ନାହାକଙ୍କ ଉପସ୍ଥିତିରେ ଏହି ବିବାହ ନିମନ୍ତେ ନିର୍ବନ୍ଧ ଯଥାରୀତି ଆମ୍ଭ ଗ୍ରାମର ମଙ୍ଗଳା ମନ୍ଦିରରେ ତା ୨୬.୧୧.୨୦୦୮ ରିଖ, ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଅଛି ।

(୪) ଆମ୍ଭେ ତା ୧.୧୨.୨୦୦୮ ରିଖ ରାତ୍ରରେ ମଧ୍ୟସ୍ଥି ଶ୍ରୀ ସାମନ୍ତ ସାହୁଙ୍କ ଜରିଆରେ ୧ ନମ୍ବର ଅପରପକ୍ଷଙ୍କ ଠାରୁ ଏକ ଲିଖିତ ପତ୍ର ଆମ୍ଭର ହସ୍ତଗତ ହେଲା । ଯେଉଁଥିରୁ ଆମ୍ଭେ ଅବଗତ ହେଲୁ ଯେ ତା ୧୫.୧୨ ରିଖ ସୁଦ୍ଧା ଉକ୍ତ ବିବାହ ନମନ୍ତେ ରାସ୍ତାଖର୍ଚ୍ଚ ବାବଦରେ ୭୦.୦୦୦/- ଟଙ୍କା ୧ ନମ୍ବର ଅପରପକ୍ଷ ମାନେ ନେବାକୁ ଚାହାନ୍ତି ।

(୫) ନିର୍ବନ୍ଧ ପୂର୍ବରୁ ୧ ନମ୍ବର ଅପରପକ୍ଷ ଏପରି କୌଣସି ପ୍ରସ୍ତାବ ଦେଇନଥିଲେ, ଆମ୍ଭର ଆର୍ଥିକ ଦୂରବସ୍ଥା ସଂପକରେ ସଂପୂର୍ଣ୍ଣ ଅବଗତ ଥାଇ ସୁଦ୍ଧା ୧ ନମ୍ବର ଅପରପକ୍ଷଙ୍କ ଏପରି ଦାବୀ ୧୯୬୧ ମସିହା ଯୌତୁକ ନିଷୋଧ ଆଇନର ବିରୁଦ୍ଧାଚରଣ କରୁଛି । ଆପଣଙ୍କ ଗୋଚରାର୍ଥେ ୧- ନମ୍ବର ଅପରପକ୍ଷଙ୍କ ଲିଖିତ ପତ୍ରଟି ସଂଯୁକ୍ତ କରାଗଲା ।

**ପ୍ରାର୍ଥନା**

ଏଣୁ ଆମ୍ଭେ ଦରଖାସ୍ତକାରୀ ପ୍ରାର୍ଥନା କରୁଛୁ କି ଅପରପକ୍ଷମାନଙ୍କ ବିରୁଦ୍ଧରେ ଉପରୋକ୍ତ ଆଇନ୍ ଅନୁଯାୟୀ ଅସମ୍ମତ ଦାବୀ ନିମନ୍ତେ ଯଥାବିଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ତାରିଖ - ୪.୧୨.୨୦୦୮ ଦସ୍ତଖତ

ଶ୍ରୀ ବାବାଜୀ ଚରଣ ନାଏକ

**ସତ୍ୟପାଠ**

ଆମ୍ଭେ ଶ୍ରୀ ବାବଜୀ ଚରଣ ନାୟକ, ଦରଖାସ୍ତକାରୀ ଶପଥ ପୂର୍ବକ କହୁଅଛୁକି ପଙ୍କ୍ତି ନମ୍ବର ୧-୫ ମଧ୍ୟରେ ଦିଆଯାଇଥିବା ସକଳ ଆମ୍ଭର ଜ୍ଞାନ ମତେ ସଂପୂର୍ଣ୍ଣ ସତ୍ୟ। ଅଦ୍ୟ ତା୪.୧୨.୨୦୦୮ ରିଖ ଘ.୧୧.୪୫ ମିନିଟ ସମୟରେ ଅଦାଲତରେ ଉପସ୍ଥିତ ରହି ଓଲିକଙ୍କ ସମ୍ମୁଖରେ ଉକ୍ତ ସତ୍ୟପାଠ ସ୍ୱାକ୍ଷର କଲୁ।

ଶ୍ରୀ ବାବାଜୀ ଚରଣ ନାଏକ

(ଶପଥ ପାଠକାରୀ)

## ୨.୪.୫ ଓକାଲତନାମା

ଆଇନ ଶାସ୍ତ୍ର ସଂପର୍କରେ ମକଦ୍ଦମା / ମାମଲା ପରିଚାଳନା କରିବାକୁ ଅକ୍ଷମ ହୋଇଥାଏ। ଓକାଲତନାମା ହେଉଛି ଏକ ଦଲିଲ ବା ଲିଖିତ ପ୍ରମାଣ ପତ୍ର, ଯାହା ମାଧ୍ୟମରେ ମହକିଲ / ମକେଲ ଜଜ୍ ପକ୍ଷରୁ ମକଦ୍ଦମା ଲଢିବା ପାଇଁ ଓକିଲକୁ ପ୍ରାଧିକୃତ ବା କ୍ଷମତା ପ୍ରଦାନ କରିଥାଏ। ମହକିଲର ନ୍ୟାୟିକ ଫଳାଫଳ ଉପରେ ଓକିଲ କୌଣସି ପ୍ରକାର ଦାୟୀ ରହିବେ ନାହିଁ ଏବଂ ମକଦ୍ଦମା ପରିଚାଳନାଗତ ତାର ଦେୟ ଦେବାପାଇଁ ମହକିଲ ପ୍ରତିଶ୍ରୁତି ବଦ୍ଧ ହେବା ସଂକ୍ରାନ୍ତୀୟ ପ୍ରକ୍ରିୟା ଏହି ଓକାଲତନାମା ରେ ଦର୍ଶାଯାଇଥାଏ।

ନମୁନା-୧

ମହକୁମେ ଶ୍ରୀମାନ ବରିଷ୍ଠ ଦେବାନୀ ବିଚାରପତିଙ୍କ

ଅଦାଲତ ବାଦୀ ............... ଶ୍ରୀ ମକଦ୍ଦମା ସଂଖ୍ୟା ................

ବନାମ

ପ୍ରତିବାଦୀ ଶ୍ରୀ .................

ଏହି ଓକିଲତ୍ ନାମା ଜରିଆରେ ଆମ୍ଭେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରୁଛୁ । ମୁଁ / ଆମ୍ଭେ ଶ୍ରୀ ...................

ମୁଦେଇ / ମୁଦାଲା / ଦରଖାସ୍ତକାରୀ/ ଅପରପକ୍ଷ / ବାଦୀ / ପ୍ରତିବାଦୀ / ଆବେଦନ କାରୀ (ଓକିଲଙ୍କ ନାମ ................. ଶ୍ରୀ) ଓକିଲଙ୍କୁ ନିଯୁକ୍ତି ପ୍ରଦାନ କରୁଛି / କରୁଛୁ ।

ଆମ୍ଭ ନିମନ୍ତେ ଉପରୋକ୍ତ ମକଦ୍ଦମାରେ ଆମ୍ଭ ତରଫରୁ ଆମ୍ଭ / ଆମ୍ଭମାନଙ୍କ ପାଇଁ ଅଦାଲତରେ ହାଜିର ହୋଇ ମକଦ୍ଦମା ଚଳାଇବେ, ମକଦ୍ଦମା ପରିଚାଳନା କରିବେ, ପରିଚାଳନା ଭାଗ ନେବେ, ମକଦ୍ଦମା ଚଳାଇବେ, ମକଦ୍ଦମାରୁ ଉଦ୍ଭବ ହେଉଥିବା ସମସ୍ତ ପ୍ରକ୍ରିୟାରେ ଦରଖାସ୍ତ ଦେଇପାରିବେ, ଦସ୍ତାବିଜ ଆଦି ଫେରସ୍ତ ନେଇପାରିବେ, ଆମ୍ଭ ପ୍ରତି ଦେୟ ଅର୍ଥ ଗ୍ରହଣ କରିପାରିବେ ।

ତାରିଖ ................ ମସିହା ............ ନିର୍ବାହୀକାରୀଙ୍କ ଦସ୍ତଖତ

ମୁଁ ଆମ୍ଭେ ............. ମକଦ୍ଦମା ପରିଚାଳନା ନିମନ୍ତେ ଶ୍ରୀ (ଓକିଲଙ୍କ ନାମ) ଙ୍କୁ ନିଯୁକ୍ତି ଦେଲୁ । ମୁଁ ଆମ୍ଭେ ମୋର / ଆମ୍ଭମାନଙ୍କର ଉପରୋକ୍ତ ମକଦ୍ଦମା ନିମନ୍ତନ୍ତେ ତାଙ୍କ ସମ୍ମୁଖରେ ବାମ ହାତ ବୃଦ୍ଧ ଆଙ୍ଗୁଳିର ଟିପ ଚିହ୍ନ ଦେଲୁ ।



ବାମ ହାତ ବୃଦ୍ଧ ଆଙ୍ଗୁଳିର ଟିପ ଚିହ୍ନ

ମୁଁ / ଆମ୍ଭେ ମୋର/ ଆମ୍ଭମାନଙ୍କର ପରିଚିତ ଶ୍ରୀଯୁକ୍ତ ............... ଙ୍କ ଉପସ୍ଥିତିରେ ବୃଦ୍ଧ ଆଙ୍ଗୁଳି ଟିପଚିହ୍ନ ମାଧ୍ୟମରେ ଏହି ସତ୍ୟାସତ୍ୟକୁ ଅନୁମୋଦନ କଲୁ ।

ଦସ୍ତଖତ

ଏହି ଓକିଲାତିନାମାକୁ ମୋର ପରିଚିତ ମହକିଲ ଶ୍ରୀ............ ଙ୍କ ଠାରୁ ଗ୍ରହଣ କଲି । ପ୍ରତିବାଦୀ ପକ୍ଷକୁ ଏହି ମକଦ୍ଦମା ସଂକ୍ରାନ୍ତୀୟ କୌଣସି ଆନୁସଂଗିକ ତଥ୍ୟ ପ୍ରଦାନ କରିବି ନାହିଁ।

ସ୍ଥାନ ................ ଓକିଲଙ୍କ ଦସ୍ତଖତ

ତାରିଖ ................

## ୨.୪.୬ ଚୁକ୍ତିପତ୍ର

ସମସ୍ତ ଚୁକ୍ତିପତ୍ର ଦ୍ୱିପାକ୍ଷିୟ ଦଲିଲ ଭାବେ ଗ୍ରହଣ କରାଯାଇଥାଏ । ଆଗତ ପ୍ରସ୍ତାବଟି ଗୃହୀତ ହେବା ପରେ ତାହା ପ୍ରତିଶୃତିରେ ରୂପାନ୍ତରିତ ହୁଏ । ପ୍ରତ୍ୟେକ ପ୍ରତିଶୃତି ଯେତେବେଳେ ଗୋଟିଏ ଅନ୍ୟଟିର ପ୍ରତିଫଳ ଭାବରେ ତିଆରି ହୋଇଥାଏ ସେତେବେଳେ ଏହି ଦଲିଲଟିକୁ ଚୁକ୍ତି ବା ଏଗ୍ରିମେଣ୍ଟ କୁହାଯାଏ । ବାଣିଜ୍ୟ ବ୍ୟବସାୟ ଠାରୁ ଘର ଭଡାଦେବା, ଋଣ ଦେବା ନେବା କ୍ଷେତ୍ରରେ ଏହି ଚୁକ୍ତିପତ୍ର ପ୍ରସ୍ତୁତ କରାଯାଇଥାଏ ।

## ୨.୪.୭ ବିବାହ ବିଚ୍ଛେଦ ନିମନ୍ତେ ଚୁକ୍ତିପତ୍ର

ଆମ୍ଭେ ଶ୍ରୀ ସୁବାସ ଚନ୍ଦ୍ର ଦାଶ, ପିତା ରଜନୀ କାନ୍ତ ଦାଶ, ୩୦ ବର୍ଷ, ଗ୍ରାମ କରିଲୋ ପାଟଣା, ଥାନା କେନ୍ଦ୍ରାପଡା, ଜିଲ୍ଲା କେନ୍ଦ୍ରାପଡା (ଏହାପରେ ସ୍ୱାମୀ ଭାବେ କଥିତ) ପ୍ରଥମ ପକ୍ଷ।

ଶ୍ରୀମତୀ ବିଳାସିନୀ ଶତପଥୀ, ସ୍ୱାମୀ ; ଶ୍ରୀ ସୁବାସ ଚନ୍ଦ୍ର ଦାଶ, ବୟସ ୨୫, ଗ୍ରାମ କରିଲୋ ପାଟଣା, ଥାନା - କେନ୍ଦ୍ରାପଡା, ଜିଲ୍ଲା ; କେନ୍ଦ୍ରାପଡ଼ା (ଏହାପରେ ସ୍ତ୍ରୀ ରୂପେ କଥିତ) ଦ୍ୱିତୀୟ ପକ୍ଷଙ୍କ ମଧ୍ୟରେ ଅଦ୍ୟ ତା ୨୦.୯.୨୦୦୭ ରିଖ ଦିନ ନିମ୍ନମତେ ଚୁକ୍ତିପତ୍ର ସଂପାଦନ କରୁଛୁ କି

୧- ପ୍ରଥମ ପକ୍ଷ ଶ୍ରୀ ସୁବାସ ଚନ୍ଦ୍ର ଦାଶ, ଦ୍ୱିତୀୟ ପକ୍ଷ ଶ୍ରୀମତୀ ବିଳାସିନୀ ଶତପଥୀଙ୍କୁ ତା୧୮.୩.୨୦୦୪ ରିଖ ଦିନ ୧୯୫୬, ମସିହା ହିନ୍ଦୁ ବିବାହ ଆଇନ ଅନୁସାରେ ଓ ବୈଦିକ ରୀତିରେ ବିବାହ କରିଥିଲେ ଏବଂ ଉପରୋକ୍ତ ବିବାହ ତା୨୩.୩.୨୦୦୪ ରିଖ ଦିନ କେନ୍ଦ୍ରାପଡାରେ ବିବାହ ଆୟୁକ୍ତଙ୍କ ଇଜିଲାସରେ ପଞ୍ଜିକୃତ ହୋଇଥିଲା ।

୨- ଏହି ବିବାହର କିଛିଦିନ ଉପରାନ୍ତେ ଅତ୍ୟନ୍ତ ଅପ୍ରୀତିକର ପରିସ୍ଥିତି ଓ ପାରିବାରିକ କଳହ ସୃଷ୍ଟି ହେବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧରେ ଏକତ୍ର ସହବସ୍ଥାନ ଦୁର୍ବିସହ ହୋଇପଡିଲା । ଉପୁଜିଥିବା ପରିସ୍ଥିତିକୁ ଅଧିକ ଖରାପ ହେବାକୁ ନଦେଇ ସ୍ତ୍ରୀ ସ୍ୱାମୀଙ୍କ ବାସଗୃହ ପରିତ୍ୟାଗ କରି ବାଲିଆ ସ୍ଥିତ ନିଜ ପିତ୍ରାଳୟରେ ବାସ କରୁଛନ୍ତି ।

୩- ଉପରୋକ୍ତ ବିବାହ ଯୋଗୁଁ ସ୍ତ୍ରୀଙ୍କ ଗର୍ଭରୁ ତା ୩.୪.୨୦୦୬ ରିଖ ଦିନ ପିତ୍ରାଳୟରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା ।

୪- ଏହି ବିଚ୍ଛେଦ ଦଲିଲ ଜରିଆରେ ସ୍ତ୍ରୀ ତଥା କନ୍ୟାର ଭରଣପୋଷଣ ଓ ଉତ୍ତରାଧିକାରୀ ଜନିତ ସମସ୍ତ ଦାବି ପରିବାରର ପ୍ରତିଫଳନ ସ୍ୱରୂପ ସ୍ୱାମୀ ତାଙ୍କ ବୈବାହିକ ଜୀବନର ଦାମ୍ପତ୍ୟ ସୁଖ ଦେବା, ପାରିବାରିକ ଆର୍ଥିକ ବିକାଶ ଦାୟିତ୍ୱରୁ ବିନିର୍ମୁକ୍ତ କରୁଛନ୍ତି ।

୫- ଏତଦ୍ୱାରା ପୁନଶ୍ଚ ଘୋଷଣା କରାଯାଇଅଛି କି ବିବାହ ସମୟରେ ଓ ପରବର୍ତ୍ତୀ କାଳରେ ଉପହାର ସ୍ୱରୂପ ଉଭୟ ପିତ୍ରାଳୟ ଓ ଶ୍ୱଶୁରାଳୟରୁ ଲାଭକରିଥିବା ତାଙ୍କର ସମସ୍ତ ଅଳଙ୍କାର, ଆସବାବ ପଦାର୍ଥ ନେଇପାରିବେ ଏବଂ ସେହି ସମସ୍ତ ଚଳନ୍ତି ସଂପତ୍ତିର ସର୍ବସତ୍ତ୍ୱାଧିକାରୀ ଭାବେ ସେ ନିଜର ଇଚ୍ଛାନୁକ୍ରମେ ସେଗୁଡିକୁ ବ୍ୟବହାର / ଖର୍ଚ୍ଚ/ ବିକ୍ରି / ହସ୍ତାନ୍ତର / ବ୍ୟୟ କରିପାରିବ / ଏହି ଏକରାରନାମା ସମ୍ପାଦିତ ହେବା ପୂର୍ବରୁ ସ୍ତ୍ରୀ ଉଲ୍ଲିଖିତ ସମସ୍ତ ଅଳଙ୍କାର ଓ ଆସବାବ ପତ୍ର ନେଇଯାଇଛନ୍ତି ଏବଂ ସ୍ୱାମୀଙ୍କ ନିକଟରେ ବର୍ତ୍ତମାନ କୌଣସି ସ୍ତ୍ରୀଧନ ନାହିଁ ।

୬- ସ୍ତ୍ରୀ କରିଥିବା ଋଣକୁ ସ୍ୱାମୀ ପରିଶୋଧ କରିଛନ୍ତି ଏବଂ ଅଦ୍ୟ ତାରିଖରୁ ସ୍ତ୍ରୀ ଯଦି କୌଣସି ଋଣ କରନ୍ତି ତେବେ ସେଥିପାଇଁ ଦାୟୀ ରହିବେ ନାହିଁ ।

୭- ବିବାହ ହେବାର ଏକବର୍ଷ ଗଲାପରେ ପକ୍ଷମାନେ ହିନ୍ଦୁବିବାହ ଆଇନ୍ ଅନ୍ତର୍ଗତ ଆପୋଷ ବିବାହ ବିଚ୍ଛେଦ ପାଇଂ ମାନ୍ୟବର କେନ୍ଦ୍ରାପଡ଼ାସ୍ଥ ଜିଲ୍ଲାଜଜ୍‌ଙ୍କ ଅଦାଲତରେ ବିବାହ ବିଚ୍ଛେଦ ଆବେଦନପତ୍ର ଦାଖଲ କରିପାରିବେ ଏବଂ ଉକ୍ତ ଅଦାଲତରୁ ସେଥି ନିମନ୍ତେ ତାଙ୍କର ବିବାହ ଭଙ୍ଗ ଆଦେଶ ଆଣିପାରିବେ । ଆମ୍ଭେ ପ୍ରଥମ ପକ୍ଷ (ସ୍ୱାମୀ............ ) ଏବଂ ଦ୍ୱିତୀୟ ପକ୍ଷ (ସ୍ତ୍ରୀ..............) ଉପରୋକ୍ତ ଏକରାରନାମାକୁ ପଢି, ଶୁଣି, ବୁଝି ସୁସ୍ଥ ଶରୀର ଓ ସ୍ଥିର ମନରେ ନିମ୍ନରେ ସ୍ୱାକ୍ଷର କଲୁ ।

| | |
|---|---|
| ସ୍ୱାକ୍ଷର | ସ୍ୱାକ୍ଷର .................. |
| (୧) .................. | ସ୍ୱାମୀ(୧ମ ପକ୍ଷ) |
| (୨).................... | ସ୍ୱାକ୍ଷର................... |
| (୩).................... | ସ୍ତ୍ରୀ (୨ୟପକ୍ଷ) |

## ୨.୪.୮ ଖତିଆନ /ପାଉତି

Schedule -1- Form No-39 - A (Revised)

ମୌଜା - ରତାଖଣ୍ଡି | ତହସିଲ - ବିଶ୍ରା

ଥାନା - ବିଶ୍ରା | ତହସିଲ ନମ୍ବର -୧୭

ଥାନା ନମ୍ବର -୧୫୫ | ଜିଲ୍ଲା - ସୁନ୍ଦରଗଡ଼

| | |
|---|---|
| ଜମିଦାରଙ୍କ ନାମ<br>ଓ<br>ଖେଓ୍ୱାବାଟ ବା ଖତିଆନ ନମ୍ବର | ଓଡିଶା ସରକାର<br>୧ |
| ୧ ଖତିଆନର କ୍ରମିକ ନମ୍ବର | ୩୭/ ୯୬ |
| ୨ ପ୍ରଜାଙ୍କ ନାମ, ପିତାଙ୍କ ନାମ,<br>ଜାତି ଓ ବାସସ୍ଥାନ | ସୁରେନ୍ଦ୍ର ରାଉତ ରାୟ<br>ପିତା - ନଳିନୀ ରାଉତରାୟ<br>ଜାତି -କ୍ଷେତ୍ରୀୟ<br>ବଣ୍ଡ ମୁଣ୍ଡା, ସୁନ୍ଦରଗଡ଼ |

| | | | | | |
|---|---|---|---|---|---|
| ୩ ସତ୍ୱ | ରୟତ | | | | |
| ୪ଦେୟ | ଜଳକର | ଖଜଣା | ସେସ | ନିସ୍ତାରସେସ ଓ ଅନ୍ୟାନ୍ୟ ସେସ ଯଦି କିଛି ଥାଏ | ମୋଟ |
| | - | ୧୨.୫୦ | ୯.୦୦ | ୧.୦୦ | ୨୨.୫୦ |
| | - | ୧.୨୫ | ୪ .୧୦ | ୦.୧୦ | ୫.୩୫ |
| | - | ୧୬୧.୨୫ | ୧୨.୧୦ | ୧୨.୯୦ | ୧୮୬.୨୫ |
| | | | | | ୨୧୪.୦୧ |

| ୫ | କ୍ରମ ବର୍ଦ୍ଧନଶୀଳ ଖଜଣାର ବିବରଣୀ | |
|---|---|---|
| | ୫ (କ) ଲେଖନଂ ୭୮/ ୨୦୧୦ ହୁ ମୁ - ଜମା ବୃଦ୍ଧି କରାଯାଇ ଘରବାଡ଼ି କିସମର ନୂତନ ପ୍ଲଟ କରାଗଲା<br>ତହସିଲଦାର<br>(ଦସ୍ତଖତ) | |
| ୬ | ବିଶେଷ ଅନୁସଙ୍ଗ ଯଦି କିଛି ଥାଏ | ମ୍ୟୁ କେ. ଟେ ୬୨୩ / ୨୦୦୭ ହୁ.ଖୁ ଜମିଜମା ଖା ; ଖୀ. ବୈ ୩୮ ରୁ ଆସିଲା ନାହିଁ।<br>ତହସିଲଦାର<br>(ଦସ୍ତଖତ) |

| ପ୍ଲଟନମ୍ବର ଓ ଚକର ନାମ | କିସମ | କିସମର ବିସ୍ତାରିତ ବିବରଣୀ ଓ ଚେହଦୀ | ରକବା | | | | ମନ୍ତବ୍ୟ |
|---|---|---|---|---|---|---|---|
| ୭ | ୮ | ୯ | ହେ | ବି.ମି | ଏକର | ତହସିଲ | ୧୨ |
| <u>୪୫୫</u><br>୪୮୧<br><u>୪୩୩</u><br>୪୮୨ | ଗୋଡାକୁଇ<br><br>ଗୋଡାଦୁଇ | | | ୧୦<br><br><br><br><br><br>୦ | ୧<br><br>୩<br><br><br><br>୫ | ୧୫<br><br>୧୫<br><br><br><br>୧ | ମ୍ୟୁ.କେତଂ ୬୨୩/୦୭ ହୁ.ମୁ.ତମିଶା ଶା.ଓ ୦ ୩୮/ ୧୮୦ଆସିନା ଲେଶନ ୮୮/ ୨୦୧, ହ ଉକ୍ତ |

ପ୍ଲଟନଂ ୫୦ଡି. ଜମି ଘରବାରି ଖତି ଆନର ନୂତନ ପ୍ଲଟ କରାଗଲା

ତହସିଲଦାର

(ଦସ୍ତଖତ)

Schedule -1- Form No-176-A

ଫାରମ ସଂ . XII ରସିଦ ପୁସ୍ତକ

(ନିୟମ)

**ଖଜଣା ପାଉତି** ସୁନ୍ଦରଗଡ଼ - ଜିଲ୍ଲା

ବିଶ୍ରା - ସର୍କଲ - ବିଶ୍ରା - ଥାନା - ରତାଖଣ୍ଡି ........ ମୌଜା

୧ - ପ୍ରଜାର ନାମ - ଶ୍ରୀ କୁସୁକ ତଣ୍ଡୀ

୨- ଜମାବନ୍ଦୀ ନମ୍ବର - ୪୦/ ୮୨ ........ ଜମିର ପରିମାଣ ....... ଏ ୪.୦୦

୩- ବାର୍ଷିକ ପାଉଣା, ଚଳିତ ବର୍ଷର ବକେୟା ଓ ହାଲ ପାଉଣାର ବିବରଣୀ (ଟଙ୍କା ଓ ପଇସାରେ) -

| ଯେଉଁ ବାବଦ ପାଉଣା | ବାର୍ଷିକ | ବକେୟା | | | ହାଲ | ମୋଟପାଉଣା |
|---|---|---|---|---|---|---|
| | | ୩ ବର୍ଷରୁ ଉର୍ଦ୍ଧ୍ୱ | ତୃତୀୟବର୍ଷ | ଗତ ବର୍ଷ | | |
| ଭୂମିକର | | | | | | ୧୬୫.୧୦ |
| ଜଳକର | | | | | | ୧୨୧.୯୦ |
| ବନକର | | | | | | ୧୩.୦୦ |
| ଅନ୍ୟାନ୍ୟ କର (ସେସ୍) | | | | | | |
| ବିବିଧ ସୁଧ | | | | | | |
| ଗାଏ ମୋଟ | | | | ୨୯୬.୧୫ | | ୨୯୬.୧୫ |

୪- ସର୍ବମୋଟ ଦାଖଲ ଟଙ୍କା (ଦୁଇଶହ ଛୟାନବେ ଟଙ୍କା ପନ୍ଦର ପଇସା)

୫- ଯାହାଦ୍ୱାରା ଦାଖଲ ହେଲା - ଶ୍ରୀ କୁସୁମ ତଣ୍ଡୀ

୬- ମୋଟ କେତେ ବକେୟା ରହିଲା .............

ତାରିଖ - ୨୧.୪.୨୦୧୬ ଅସୁଲକାରୀଙ୍କ ସ୍ୱାକ୍ଷର

......................

ଅସୁଲି ବର୍ଷ ମଧ୍ୟରେ ଆଦାୟ ବକେୟାଥିବା ଖଜଣା ଉପରେ ଶତକଡ଼ା ବାର୍ଷିକ ୧୨ ହାରରେ ଓ ବକେୟା ଜଳକର ବାବଦରେ ଶତକଡ଼ା ୬ ହାରରେ ସୁଧ ଲାଗିବ।

## ୨.୪.୯ ବିଜ୍ଞାପନ / ଲିଜ

ପୌରପାଳିକା କାର୍ଯ୍ୟାଳୟ, ଯୋଡ଼ା

ସଂଖ୍ୟା : ୪୮୦ ତା୧୩.୩.୨୦୧୬

ଅନୁଗୋଳ ପୌରପାଳିକାର ଟିକସ ଦାତାମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକ ବର୍ଷ (ସ୍ନ.୨୧୭-୧୮) ମସିହା ନିମନ୍ତେ ତା୧.୪.୨୦୧୭ ରିଖ ଠାରୁ ତା ୩୦.୪.୨୦୧୭ ରିଖ ମଧ୍ୟରେ (ସରକାରୀ ଛୁଟି ବ୍ୟତୀତ) ବାର୍ଷିକ ଗୃହ ଟିକସ ଏହି ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଇଠ କରିଲେ ଗୃହ ମାଲିକ ତଥା ଟିକସ ଦାତାଙ୍କୁ ଶତକଡ଼ା ଦଶଭାଗ (୧୦ ପ୍ରତିଶତ ହାରରେ) ରିହାତି ଦେବାର ବ୍ୟବସ୍ଥା ପୌରପାଳିକା ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ତା୧.୫.୨୦୧୭ରିଖ ଠାରୁ ତା୩୧.୫.୨୦୧୭ରିଖ ଭିତରେ ଟକସ ପଇଠ କରିଲେ ଶତକଡ଼ା ୫ ପ୍ରତିଶତ ହାରରେ ରିହାତି ଦିଆଯିବ।

କିନ୍ତୁ ଟାଟାଷ୍ଟିଲ, କମର୍ସ ମାଇନିଂ, ରୁଂଗ୍‌ଟା କମ୍ପାନୀ ବ୍ୟବସାୟୀ ଓ ଅନୁଷ୍ଠାନମାନଙ୍କ ଠାରୁ ଗୃହଟିକସ ବାବଦରେ ଶତକଡ଼ା ୫ ପ୍ରତିଶତ ହାରରେ ରିହାତି ତା ୦୧.୦୪.୨୦୧୭ ରିଖ ଠାରୁ ତା ୩୦.୪.୨୦୧୭ ରିଖ ପର୍ଯ୍ୟନ୍ତ ରିହାତି ଦିଆଯିବାର ମଧ୍ୟ ବ୍ୟବସ୍ଥା କରାଯାଇଅଛି।

ସ୍ୱାକ୍ଷର - ନିର୍ବାହୀ ଅଧିକାରୀ

ପୌର ପାଳିକା, ଯୋଡ଼ା

## ଖଣି ଲିଜ ଇସ୍ତାହାର
## ତହସିଲ କାର୍ଯ୍ୟାଳୟ, ବଡ଼ବିଲ

ବିଜ୍ଞାପନ ସଂଖ୍ୟା ୬୦୩/ ତା ୨୫.୩.୨୦୧୭ ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ବଡ଼ବିଲ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନ ଗୁଡିକ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ (୨୦୧୭ -୧୮) ଆର୍ଥିକ ବର୍ଷ ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ) ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC (Amendment) Rules.୨୦୧୪ର ନିର୍ଦ୍ଧାରିତ Form-J ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ ସମସ୍ତ  କାଗଜାତ ସଂଲଗ୍ନ କରି ଜଉମୁଦ ଦିଆ ଲଫାପାରେ ଆବେଦନ କରିବେ। ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଥିବା Drop Box ରେ ତା୨୯.୩.୧୭ ରିଖ ଅପରାହ୍ନ ୩.୦୦ଟା ସୁଦ୍ଧା ପକାଇବେ ଏବଂ ଉକ୍ତ ଦିନ ୩.୩୦ ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡିକ ପାଇଁ ଦ୍ୱିତୀୟ ତାରିଖ ତା ୫.୪.୨୦୧୭ ଏବଂ ତୃତୀୟ -ତାରିଖ ତା ୨୦.୪.୧୭ ଅପରାହ୍ନ ୩.୦୦ ଟା ସୁଦ୍ଧା ଦରଖାସ୍ତ ଗ୍ରହଣ କରାଯାଇ ଉକ୍ତ ତାରିଖମାନଙ୍କର ଅପରାହ୍ନ ୩.୩୦ ସମୟରେ ଲିଜ ଦରଖାସ୍ତ ଗୁଡିକ ତନଖି କରାଯିବ। ସଇରାତ ଉତ୍ସଗୁଡିକର ସଂପୂର୍ଣ୍ଣ ବିବରଣୀ ଏବଂ ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ କନ୍ଧମାଳ ଜିଲ୍ଲା website  ତଥା WWW. badbill.nic.in ରେ ଉପଲବ୍ଧ ହୋଇପାରିବ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ।

ଦାଖଲ କରିବାକୁ ଥିବା ଦଲିଲ / କାଗଜାତ

(୧) ଦରଖାସ୍ତ ଫି ସକାଶେ ଟ୧୦୦୦/- (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ।

(୨) ଲିଜ୍ ନିମନ୍ତେ ଆବେଦନ କରିଥିବା ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍‌ସା।

(୩) କୌଣସି ମାଇନିଂ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ।

(୪) ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି।

(୫) ଅବେଦନକାରୀଙ୍କର ସଲଭେନ୍ସି ସାର୍ଟିଫିକେଟ ଓ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ।

(୬) ଅନ୍ୟାନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି।

(୭) VAT Clearance ସାର୍ଟିଫିକେଟର ନକଲ।

ନିଜପାଇଁ ଉଦ୍ଦିଷ୍ଟ ଖଣିଜ ଖାଦାନ ଗୁଡ଼ିକର ବିବରଣୀ

| କ୍ରମିକ ସଂଖ୍ୟା | ସାଇରାତ ଉତ୍ସବ ନାମ | ଲଘୁ ଖଣିଜର ନାମ | ସାଇରାତ ଉତ୍ସର ଅବସ୍ଥିତିର ସବିଶେଷ ବିବରଣୀ | | | | | ସର୍ବନିମ୍ନ ରୟାଲିଟି |
|---|---|---|---|---|---|---|---|---|
| | ବଡ଼ଗାଁ ପଥର (ରୋଡ଼ ମେଟାଲ ଖାଦାନ) | | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା | |
| ୧ – | ଖଣ୍ଡ ଗାଁ ପଥର (ରୋଡ ମଟାଲ) ଖାଦାନ – ୧ | ପଥର(ରୋଡ ମେଟାଲ) | ଖଣ୍ଡ ଗାଁ | ୧୩୨ | ୪୩୨ | ପଥର ବଣୀ | ୩.୩୦ | ୧୦୧/– |
| ୨ – | ଗଡ଼ରମା ପଥର (ରୋଡ଼ ମେଟାଲ) ଖାଦାନ – ୧ | ପଥର (ରୋଡ଼ ମେଟାଲ) | ଗଡ଼ରମା | ୧୩୩ | ୫୫୩ | ପଥର ବଣୀ | ୩.୫୦ | ୧୦୧/– |
| ୩– | ବେଡ଼ା ବାହାଲ (ରୋଡ଼ ମେଟାଲ) ଖାଦାନ – ୨ | ପଥର (ରୋଡ ମେଟାଲ) | ବେଡ଼ା ବାହାଲ | ୧୩୭ | ୬୩୫ | ପଥର ବଣୀ | ୪.୬୦ | ୧୦୧/– |

## ୨.୫ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

(୧) ତୁମ ଭଉଣୀର ବିବାହ ନିମନ୍ତେ ଗୋଟିଏ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କର ।

(୨) ଏକ ସାହିତ୍ୟ ଆସର ଆୟୋଜନ ସଂପର୍କରେ ନିମନ୍ତ୍ରଣ ପତ୍ର ରଚନା କର ।

(୩) ଗଣେଷ ପୂଜାର ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କର ।

(୪) ଗୋଟିଏ ପାଠଚକ୍ର ଆୟୋଜନ ପାଇଁ ପ୍ରେସ ଇସ୍ତାହାର ପ୍ରସ୍ତୁତ କର।

(୫) ଗୋଟିଏ ଅପରାଧ ଅଭିଯୋଗ ଆବେଦନ ପତ୍ର ପ୍ରସ୍ତୁତ କର।

(୬) ପୋଷ୍ୟ କନ୍ୟା ଦଲିଲ ପ୍ରସ୍ତୁତ କର।

(୭) ଉପହାର ତାଲିକା ପ୍ରସ୍ତୁତ କର।

(୮) ଯୌତୁକ ଆଇନ୍ ଧାରା ଅନୁସାରେ ଦରଖାସ୍ତ ପ୍ରସ୍ତୁତ କର।

(୯) ବିବାହ ବିଚ୍ଛେଦ ଚୁକ୍ତିନାମା ପ୍ରସ୍ତୁତ କର।

(୧୦) ଏକ ଓକିଲାତନାମା ପ୍ରସ୍ତୁତ କର।

❑❑❑

ଟିପ୍ପଣୀ

ଟିପ୍ପଣୀ

ଟିପ୍ପଣୀ

## ଟିପ୍ପଣୀ



ଟିପ୍ପଣୀ